KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com
Postal Regd.No. BGR-02/2018-20
ବର୍ଷ - ୨୦ ■ ସଂଖ୍ୟା - ୩୫
Volum.-20 ■ Issue No.- 35
Sunday ■ Balangir
ରବିବାର ■ ବଲାଙ୍ଗିର
R.N.I.No.: ODIODI/2000/03637 ● ୧୯ ଜୁଲାଇ - ୨୫ ଜୁଲାଇ ୨୦୨୦ ● 19 July - 25 July 2020 ● Odia Weekly ● 8 Pages, Rs.2/- only

# ଲୋକକଳାକାରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା !

## କାମ ନେଇ ଉଚିତ୍ ପ୍ରାପ୍ୟ ଦେଇନାହାନ୍ତି ଲୋକ କଳାକାରଙ୍କୁ : କଳାକାର ଜଗତରେ ଅସନ୍ତୋଷ

ବଲାଙ୍ଗିର, (ନିପ୍ର) : କରୋନା ସଂକ୍ରମଣ କାଳରେ ସମସ୍ତ ବର୍ଗଙ୍କ ପାଇଁ ରାଜ୍ୟ ସରକାର ସହଯୋଗ ନିମନ୍ତେ ଯୋଜନା ପ୍ରଣୟନ କରିଥିବା ବେଳେ କଳାକାରମାନଙ୍କ ପ୍ରତି ଅଣଦେଖା କରିଥିବା ମନେ ହେଉଛି । ଏପରିକି ୫ ମାସ ପୂର୍ବରୁ କଳାକାରମାନଙ୍କଠାରୁ କାମ ନେଇ ରାଜ୍ୟ ସରକାର ସେମାନଙ୍କୁ ଉଚିତ୍ ପ୍ରାପ୍ୟ ଦେଇ ନଥିବା ଭଳି ଅପ୍ରୀତିକର ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ ଯେ, ଦାଦନ ସମସ୍ୟାର ନିରାକରଣ ଉଦ୍ଦେଶ୍ୟରେ ଲୋକକଳା ମାଧ୍ୟମରେ ଜନ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାରେ ନିୟୋଜିତ ହୋଇଥିବା ଅଧିକାଂଶ ଲୋକ-କଳାକାର ସେମାନଙ୍କ ଉଚିତ୍ ପ୍ରାପ୍ୟ ପାଇବାରୁ ବଂଚିତ ହୋଇଛନ୍ତି । ପ୍ରାପ୍ତ ସୂଚନା ମୁତାବକ, ୪ଟି ଜିଲ୍ଲା ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ଦାଦନ ପ୍ରବଣ ବ୍ଲକ୍‌ମାନଙ୍କରେ ଲୋକକଳା ମାଧ୍ୟମରେ ଲୋକ କଳାକାରମାନଙ୍କୁ ନେଇ ଜନ ସଚେତନତା ସୃଷ୍ଟି କରିବା ପାଇଁ ସରକାର ଗତ ୨୦୧୯ରେ ଯୋଜନା ପ୍ରସ୍ତୁତ କରିଥିଲେ । ତେବେ ଏହି ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ 'ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ' ଦ୍ୱାରା ଗତ ବର୍ଷ ନଭେମ୍ବର ୧୫ରୁ ୧୭ ତାରିଖ ତିନି ଦିନ ଧରି ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନରେ ଏକ ଟ୍ରେନିଂ ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇଥିଲା; ଯେଉଁଥିରେ ସଂପୃକ୍ତ ୪ଟି ଜିଲ୍ଲାର ବଛା ବଛା ଲୋକକଳା ଗୁରୁ ତଥା ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ଡକା ଯାଇଥିଲେ । ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରୁ ଗୁରୁଶ୍ରୀ ଡ. ଘାସିରାମ ମିଶ୍ରଙ୍କ ନେତୃତ୍ୱରେ ପ୍ରାୟ ୨୦ ଜଣ ନେତୃସ୍ଥାନୀୟ ବିଶିଷ୍ଟ ଲୋକ କଳାକାରମାନେ ମଧ୍ୟ ଯୋଗ ଦେଇଥିଲେ । ସରକାରଙ୍କ ଯୋଜନା ମୁତାବକ ବଲାଙ୍ଗିରରେ ଚଳିତ ବର୍ଷ ଜାନୁଆରୀ ୧୭ ତାରିଖ ଦିନ କୋଶଳ କଳାମଣ୍ଡଳର ପୁରୁଣା ମଂଚରେ ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଏବଂ ଜାନୁଆରୀ ୧୮ରୁ ଫେବୃଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଦାଦନ ପ୍ରବଣ ଅଂଚଳ ଭାବେ ଚିହ୍ନଟ ଗାଁମାନଙ୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମିଳିଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାର ୬ଟି ବ୍ଲକ୍ ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡ଼ା ଓ ଟିଟିଲାଗଡ଼ର ୬୮୩ଟି ରାଜସ୍ୱ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ୪୦ଟି ଲୋକ-କଳାକାର ଦଳ ସାମିଲ୍ ହୋଇଥିଲେ । ଯେହେତୁ ସ୍ୱଳ୍ପ ସମୟ ମଧ୍ୟରେ କାର୍ଯ୍ୟକ୍ରମ ସମାପ୍ତ କରିବାର ଥିଲା, ଏଣୁ ସଂପୃକ୍ତ କଳାକାରମାନେ ଆପ୍ରାଣ ଚେଷ୍ଟା କରି ରାଜ୍ୟ ସରକାରଙ୍କ ସଂପୃକ୍ତ ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ ପାଇଁ ବଲାଙ୍ଗିର ଜିଲ୍ଲା ସଂସ୍କୃତି ବିଭାଗକୁ ପ୍ରାରମ୍ଭିକ ସମୟରେ ୧୧ ଲକ୍ଷ ୫୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା ବେଳେ ସେହି ଅର୍ଥରେ ୧୨ଟି ସଂଯୋଜିତ କଳାକାର ଦଳଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିଲା । କିନ୍ତୁ ଆହୁରି ୨୮ଟି ଦଳର ପ୍ରାୟ ୩୦୦ ଜଣ ଲୋକ କଳାକାର ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପ୍ରାପ୍ୟ ପାଇ ପାରିନାହାନ୍ତି । ତେବେ ଏହି ୨୮ଟି ଦଳର ଲୋକ-କଳାକାରମାନେ କାହିଁକି ସେମାନଙ୍କ ପ୍ରାପ୍ୟରୁ ବଂଚିତ ହୋଇଛନ୍ତି ବୋଲି ପଚରା ଯିବାରୁ ବଲାଙ୍ଗିର ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି ଯେ ୨୨ ଲକ୍ଷ ୩୧ ହଜାର ୨୧୯ ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆ ଯାଇନାହିଁ । ଏହି ଅର୍ଥ ଆସିଲେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବାଗି ୨୮ଟି ଦଳର ଲୋକ କଳାକାରମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ।

**କରୋନା ସଂକ୍ରମଣ କାଳରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ଲୋକକଳାକାରଙ୍କ ପ୍ରତି ସରକାରଙ୍କ ଚରମ ଅବହେଳା ପାଇଁ କଳାକାର ଜଗତରେ ଅସନ୍ତୋଷ**

ଏହି କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ପ୍ରାପ୍ୟ ପାଇ ନଥିବା ଲୋକକଳାକାରମାନେ କୁହନ୍ତି, କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ନିମନ୍ତେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ (ୟୁନିସେପ)ଙ୍କ ପକ୍ଷରୁ ସେତେବେଳେ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ସୃଷ୍ଟି କରାଯାଇଥିଲା । କିନ୍ତୁ ଏବେ ପାଉଣା ପାଇଁ କଳାକାରଙ୍କ ସ୍ୱର ଉତ୍ତୋଳନ ପରେ ସେହି ଗ୍ରୁପ୍‌କୁ ଜାଣିଶୁଣି ବନ୍ଦ କରି ଦିଆଯାଇଛି । ଲୋକ-କଳାକାରଙ୍କ ପ୍ରତି ଏଭଳି ଅବହେଳା ପ୍ରଦର୍ଶନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କରୋନା ମହାମାରୀ ସମୟରେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଲୋକ କଳାକାରମାନେ । ଯାନି ଯାତ୍ରା, ବିବାହ ମହୋତ୍ସବ, ନାନାଦି ଉତ୍ସବ ସବୁ ସଂପୂର୍ଣ୍ଣ ଠପ୍ ହୋଇ ଯାଇଥିବା ବେଳେ ଲୋକ-କଳାକାରମାନେ କପାଳରେ ହାତ ଦେଇ ବସିଛନ୍ତି । ସେମାନଙ୍କ ଜୀବନ ଜୀବିକା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଏତିକି ବେଳେ ରାଜ୍ୟ ସରକାର ସେମାନଙ୍କ ଉଚିତ୍ ପ୍ରାପ୍ୟ ଦେବାକୁ ମଧ୍ୟ ଚିନ୍ତା ନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରନ୍ତୁ ।

## ଜୁଲାଇ ୨୦ରୁ ସିବିଡ଼ିଟି ପକ୍ଷରୁ ସ୍ୱେଚ୍ଛାକୃତ ଆୟକର ପ୍ରଦାନ ସଂକ୍ରାନ୍ତ ଇ-ଭିଅଯାନ ଆରମ୍ଭ ହେବ

ନୂଆଦିଲ୍ଲୀ, (ପିଆଇବି) : ସ୍ୱେଚ୍ଛାକୃତ ଭାବେ ଆୟକର ପ୍ରଦାନ ପାଇଁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଆୟକର ବିଭାଗ ପକ୍ଷରୁ ଚଳିତ ମାସ ୨୦ ତାରିଖ ସୋମବାରଠାରୁ ଇ-ଅଭିଯାନ ଆରମ୍ଭ ହେବ । ଏହି ଅଭିଯାନ ୧୧ ଦିନ ଧରି ଚାଲି ଜୁଲାଇ ୩୧ ତାରିଖରେ ଶେଷ ହେବ । ଏଥବରେ ମୁଖ୍ୟତଃ କରଦାତା/ଆସେସି ଯେଉଁମାନେ ରିଟର୍ଣ୍ଣ ଫାଇଲ୍ କରୁନାହାନ୍ତି କିମ୍ବା ୨୦୧୮-୧୯ ଆର୍ଥିକ ବର୍ଷରେ ସେମାନଙ୍କ ରିଟର୍ଣ୍ଣ ଫାଇଲ୍‌ରେ ତ୍ରୁଟି ଅଥବା ତଥ୍ୟଗତ ଅଭାବ ରହିଛି, ସେମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବ । ଏହି ଅଭିଯାନ କେବଳ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଉଦ୍ଦିଷ୍ଟ ।


ଏହି ଅଭିଯାନ କାଳରେ ଟିକସଦାତାଙ୍କ ଅନ୍‌ଲାଇନ୍ ବ୍ୟବସ୍ଥାରେ ନିଜର ଟିକସ/ଆର୍ଥିକ କାରବାର ସଂପର୍କରେ ତଥ୍ୟ ପ୍ରଦାନ କରିବାକୁ ସଚେତନ କରାଯିବ । ସ୍ୱେଚ୍ଛାକୃତ ଭାବରେ ନିଜର ଆୟ ଏବଂ ଟିକସ ଆଦି ସଂପର୍କରେ ଆୟକର ବିଭାଗକୁ ସୂଚନା ଦେବାକୁ ଲୋକଙ୍କୁ କୁହାଯିବ । ଏହାଫଳରେ ସଂପୃକ୍ତ ବ୍ୟକ୍ତିବିଶେଷ ବା ଆୟକାରୀ ଅଯଥା ଆୟକର ବିଭାଗର ସନ୍ଦେହରେ ରହିବେ ନାହିଁ କିମ୍ବା ତାଙ୍କ ପାଖକୁ ନୋଟିସ ପଠାଯିବ ନାହିଁ ।

ଏହି କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥବବା କେତେକ ଟିକସଦାତାଙ୍କ ପାଖକୁ ଆୟକର ବିଭାଗ ପକ୍ଷରୁ ଇ-ମେଲ ଓ ଏସ୍‌ଏମ୍‌ଏସ୍ ପଠାଯିବ । ଏଥିରେ ସେମାନଙ୍କ ବିଭିନ୍ନ ସୂତ୍ରରୁ ହୋଇଥିବା ଆୟ, ଆର୍ଥିକ କାରବାର, ଟିଡ଼ିଏସ୍, ଟିସିଏସ୍, ଫରେନ୍ ରେମିଟାନ୍ସ ଆଦି ସଂପର୍କରେ ପ୍ରଶ୍ନ ପଚରାଯିବ । ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ସଂପର୍କରେ ସଂପୃକ୍ତ ଆୟକାରୀଙ୍କୁ ଆୟକର ବିଭାଗକୁ ତଥ୍ୟ ଦେବାକୁ ପଡ଼ିବ । ଆୟକର ବିଭାଗ ମଧ୍ୟ ଜିଏସ୍‌ଟି, ରପ୍ତାନୀ, ଆମଦାନୀ ଏବଂ ପ୍ରତିଭୂତି କାରବାର, ମ୍ୟୁଚୁଆଲ ଫଣ୍ଡ, କମଡ଼ିଟିଜ୍ ଓ ଡେରିଭେଟିସ୍ ଆଦି ଆର୍ଥିକ କାରବାର ସଂକ୍ରାନ୍ତ ସୂଚନା ସଂଗ୍ରହ କରିଛି । ଏ ସବୁ ବିଷୟରେ ମଧ୍ୟ ଆୟକରଦାତାଙ୍କୁ ପଚରା ଯାଇପାରେ । ଡେଟା ସଂଗ୍ରହ କରିବା ପାଇଁ ଏସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆହୁରି ମଧ୍ୟ ଆୟକର ବିଭାଗର ତଥ୍ୟରୁ ଜଣାପଡ଼ିଛି ଯେ ଗତ ଆର୍ଥିକ ବର୍ଷରେ କେତେକ ଟିକସଦାତା ବିପୁଳ ପରିମାଣର ଆର୍ଥିକ କାରବାର କରିଥିଲେ ହେଁ ସେମାନେ ତାହାର ରିଟର୍ଣ୍ଣ ଦାଖଲ କରି ନାହାନ୍ତି । ଆହୁରି ମଧ୍ୟ କେତେକ ବ୍ୟକ୍ତିବିଶେଷ ମୋଟା ଅଙ୍କର ଅର୍ଥ କାରବାର କରିଥିଲେ ହେଁ ନିଜର ଆୟକର ରିଟର୍ଣ୍ଣ ନିୟମ ଅନୁସାରେ ତାହା ଦର୍ଶାଇ ନାହାନ୍ତି । ଏସମାନଙ୍କୁ ସବୁ ଚିହ୍ନଟ କରାଯାଇଛି ।

ଇ-କ୍ୟାମ୍ପେନ୍ ବ୍ୟବସ୍ଥାରେ ଟିକସଦାତାଙ୍କୁ ସେମାନଙ୍କର ମୋଟା ଅଙ୍କର ଆର୍ଥିକ କାରବାର ସଂପର୍କରେ ପୂର୍ଣ୍ଣାଙ୍ଗ ସୂଚନା ଆୟକର ବିଭାଗର ଉଦ୍ଦିଷ୍ଟ ପୋର୍ଟାଲରୁ

(ସପ୍ତମ ପୃଷ୍ଠା ଦେଖନ୍ତୁ)

### ଆନଂଦ



କରୋନା ମାଡ଼ରେ
ସଭିଏଁ ଘାଇଲା
ଧକ ଧକ ହୁଏ ଛାତି
ଜୀବିକା ବୁଡ଼ିଲା
ସପନ ହଜିଲା
ଜଗତେ ମହା ବିପତ୍ତି.... !
କେତେ କାଳ ଏଇ ରୀତି
ହିସାବ କିତାବ
ଗୋଲମାଳ ସବୁ
ଧାନକ୍ଷେତେ ଯେହ୍ନେ ହାତୀ ।

## ତଲିଉଡ଼ାର୍-ସରଗାଡ଼ ରାସ୍ତା : ଅବସ୍ଥା ଶୋଚନୀୟ

### ମରଣଯନ୍ତା ପାଲଟିଛି ଅସଂଖ୍ୟ ଲୋକ ନିର୍ଭର କରୁଥିବା ରାସ୍ତା

ଚନ୍ଦନଭାଟି, (ନିପ୍ର) : ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ତଲିଉଡ଼ାର-ସରଗାଡ ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ସାମାନ୍ୟ ବି ଦୃଷ୍ଟି ନଥିବା ଯୋଗୁଁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ରାସ୍ତା ମଝିରେ ମେଟାଲ୍ ବାହାରି କେଉଁଠି ଖାଲ, ନର୍ଦ୍ଦମା ସୃଷ୍ଟି ହୋଇଥିବା ବେଳେ କେଉଁଠି ମେଟାଲ୍ କାଦୁଅ ପଚ୍‌ପଚ୍ ହୋଇଥିବା ଦେଖିବାକୁ ମିଳିଛି । ଦୁଇ ଚକିଆ ଯାନରେ ଯିବା ଆସିବା କରିବା ମଧ୍ୟ ଅତ୍ୟନ୍ତ ବିପଦ୍‌ଜନକ ହୋଇପଡ଼ିଛି ।





ସୂଚନାଯୋଗ୍ୟ ଯେ, ବରଗଡ଼, ଗାଏସିଲେଟ୍, ପଦମ୍‌ପୁର ଆଦି ରାସ୍ତାକୁ ଲିଙ୍କ୍ କରୁଥିବା ଏହି ମୁଖ୍ୟ ରାସ୍ତା ଉପରେ ପ୍ରତ୍ୟହ ହଜାର ହଜାର ଲୋକ ଯିବା ଆସିବା କରିବା ନିମନ୍ତେ ନିର୍ଭର କରୁଛନ୍ତି । ତଲିଉଡ଼ାର, ବୁରୋମୁଡ଼ା, ଠାକ୍‌ରପାଲି, ସିଙ୍ଗେନ୍‌ମୁଡ଼ା, ବବ୍‌ଜା, ବିର୍‌କେଲ ତଥା ସରଗାଡ଼ର ଲୋକେ ଏହି ରାସ୍ତା ଦେଇ ପ୍ରତ୍ୟହ ବଲାଙ୍ଗିର ଆଡ଼କୁ ଆସିଥାନ୍ତି । ଏହି ବାଟ ଦେଇ ପ୍ରତ୍ୟେକ ଦିନ ପନିପରିବା ଚାଷୀମାନେ ଚନ୍ଦନଭାଟି ତଥା ବଲାଙ୍ଗିର ସହରକୁ ପନିପରିବା ନେବା ଆଣିବା କରିଥାନ୍ତି । କିନ୍ତୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ଭିନ୍ନ ଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି ଯାତାୟାତ କରୁଥିବା ଜନ ସାଧାରଣ । ରାତ୍ରୀ ସମୟରେ ଯିବା ଆସିବା କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ସଂପୃକ୍ତ ଅଂଚଳର ଜନସାଧାରଣ କୁହନ୍ତି । ଏହି ରାସ୍ତାରେ ରୋଡ଼୍ ଲାଇଟ୍ ଜଳେନାହିଁ । ତେଣୁ ଅଂଧାରରେ ଏହି ରାସ୍ତା ଦେଇ ଆସୁଥିବା ଲୋକେ ନିଶ୍ଚିତ ଦୁର୍ଘଟଣାର ଶିକାର ହେଉଥିବା ସେମାନେ କ୍ଷୋଭର ସହ ପ୍ରକାଶ କରନ୍ତି ।

ଏ ସଂପର୍କରେ ବିଭିନ୍ନ ଅଧିକାରୀଙ୍କ ପାଖକୁ ଧାଇଁ ଧାଇଁ କୁଆଡ଼େ ନୟାନ୍ତ ହୋଇ ସାରିଛନ୍ତି ଅଂଚଳବାସୀ । ଅଥଚ ଫମ୍ପା ଆଶ୍ୱାସନାରେ ସେମାନେ ଆଜି ପର୍ଯ୍ୟନ୍ତ ଏଭଳି ମରଣଯନ୍ତା ପାଲଟିଥିବା ସଡ଼କରେ ଯାତାୟାତ କରୁଛନ୍ତି । ଦୀର୍ଘ ବର୍ଷ ତଳୁ ତିଆରି ହୋଇଥିବା ଏହି ରାସ୍ତାରୁ ପିଚୁ ଉଠି ମେଟାଲ୍ ମଧ୍ୟ ଉଠି ସାରିଲାଣି । ପୁଣି ସ୍ଥାନେ ସ୍ଥାନେ ମେଟାଲ୍ ଉଠି ଗର୍ତ୍ତ ସୃଷ୍ଟି ହେଲାଣି । କିନ୍ତୁ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରନ୍ତି । ତେବେ ଆଗାମୀ ସମୟରେ ରାସ୍ତା ତିଆରି ନହେଲେ ଏକ ଜନଆନ୍ଦୋଳନ ମୁଣ୍ଡ ଟେକିବା ସୁନିଶ୍ଚିତ ବୋଲି ଲୋକେ ଆଲୋଚନା କରନ୍ତି ।

YouTube ଥି
ଦେଖୁନ୍ ଆର୍ ଦେଖଉନ୍

ବର୍‌କସ୍ କବି, କଥାନୀକାର୍ ଆର୍ ଆଲୋଚକ୍ ମାନ୍‌କର୍ ଭିଡ଼ିଓ ଥି କୋଶଲୀ କବିତା, କଥାନୀ ଆର୍ ସାହିତ୍ୟର୍ ଭିନେ ଭିନେ ଦିଗ୍ ଉପ୍‌ରେ ଆଲୋଚନା ଶୁନୁନ୍...

digital sahitya machan

ଆଏଜ୍ ତକ୍ ଯେନ୍‌ମାନେ ଇ' ମଚାନ୍ କେ ଆସିଛନ୍ :
ପ୍ରଭାସିନୀ ହୋତା, ଡ. ସନ୍ତୋଷ କୁମାର ରଥ, ନିମାଇଁ ଚରଣ ପାଣିଗ୍ରାହୀ, ସୁଜିତ୍ କୁମାର ଶତପଥି, ସୁଜାତା ଭୋଇ, ସାବିତ୍ରୀ ପୁରୋହିତ, ଲକ୍ଷ୍ମୀନାରାୟଣ ହୋତା, ଦେବହୂତି କର, ସ୍ମୃତି ଶେଫାଳି ମେହେର, ଦାମୋଦର ପଣ୍ଡା, ବଳଦେବ ଦୀକ୍ଷିତ

Please
Subscribe,
Share,
Like and Comment.

## ସଂପାଦକୀୟ

# ନେତୃତ୍ୱରେ ଅସଲି ନକଲି

ପରମତ ସହିଷ୍ଣୁତା ଅସଲି ନେତୃତ୍ୱର ଏକ ଆଭିଜାତ୍ୟ । ଆପଣା ଆଚରଣ ଓ ବିଚାରରେ ସଦାଚାର ରକ୍ଷା ପାଇଁ ପ୍ରକୃତ ନେତୃତ୍ୱ ସଂପନ୍ନ ବ୍ୟକ୍ତିମାନେ ବିରୋଧ ପକ୍ଷକୁ ସମ୍ମାନର ସହ ସ୍ୱୀକାର କରିବାର ଶିଖିଥାନ୍ତି । ମାତ୍ର ନକଲି ନେତୃତ୍ୱରେ ଆପଣାର ଅଭିଷେକର କରାଇଥିବା ହୃଷ୍ଟ ସାମନ୍ତମାନେ ପ୍ରାୟତଃ ପରମତ ପ୍ରତି ସ୍ପର୍ଶକାତର ଭାବେ ଅସହିଷ୍ଣୁ ହୋଇ ଉଠନ୍ତି । ବିରୋଧୀ ମତଟିଏ ଶୁଣିଦେବା ମାତ୍ରକେ ସମସ୍ତ ଶାଳୀନତା ଓ ସନ୍ତୁଳନ ହରାଇ ଅତିଶୟ ଉଗ୍ର ହୋଇ ପଡ଼ନ୍ତି । ସେମାନଙ୍କ ଭାରସାମ୍ୟ ହୀନ ଉଗ୍ର ଆଚରଣର ଉତ୍ପାତରେ ସଂସ୍କୃତି ଓ ଶାଳୀନତାର ବୁନିଆଦ ନଷ୍ଟ ହୋଇଯାଏ । ସେହି ଅସୁସ୍ଥ ପରମ୍ପରା କ୍ରମଶଃ ଜନଜୀବନକୁ ବିକୃତ ଓ ଦୂଷିତ କରାଇ ଅପସଂସ୍କୃତିର ସଂଚାର କରେ । ଅପସଂସ୍କୃତିର ସୂତ୍ରଧର ନକଲି ନେତାମାନଙ୍କର ଅଶାଳୀନ ଆଚରଣ ଜନଜୀବନ ମଧ୍ୟରେ ଲାଳିତ ସଂଭ୍ରାନ୍ତ ଓ ସୁସ୍ଥ ସଂସ୍କୃତିକୁ ବଡ଼ ଦୟନୀୟ ଭାବେ 'ଚାଲୁ ଚଳନ'ର ସ୍ତରକୁ ଖସାଇ ଆଣେ ।

'କାମରେ ବେଶୀ, କଥାରେ କମ୍'– ଏହା ହେଉଛି ପ୍ରକୃତ ନେତୃତ୍ୱର ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ନିଜର ପ୍ରଶଂସା ବା ଖ୍ୟାତି ବିସ୍ତାର ପାଇଁ କଥା କହିବା ଅସଲି ନେତୃତ୍ୱ ସଂପନ୍ନ ବ୍ୟକ୍ତିମାନଙ୍କ ପକ୍ଷେ ରୁଚି ବିରୁଦ୍ଧ । ସେମାନଙ୍କ ଦ୍ୱାରା ଉଦ୍‌ଯାପିତ ସତ୍ କର୍ମ ହିଁ ସେମାନଙ୍କ ମହାନତାକୁ ଘୋଷଣା କରିଥାଏ । ଦେଶ ପାଇଁ କେତେ କ'ଣ କରିଛନ୍ତି, ସେମାନେ ଦେଶବାସୀଙ୍କ ଆଗରେ ତାର ହିସାବ ନିକାସ କରନ୍ତି ନାହିଁ କିମ୍ବା ଦେଶ ପାଇଁ ସ୍ୱୀକାର କରିଥିବା ତ୍ୟାଗର ବିନିମୟରେ ଦେଶବାସୀଙ୍କ ପାଖରୁ କଡ଼ାକ୍ରାନ୍ତି ଅସୁଲ କରି ନେବାର ବ୍ୟବସାୟ କରନ୍ତିନାହିଁ । ମାତ୍ର ସକ୍ରିୟ ସେବା ଓ ସହାନୁଭୂତିର ପରମ୍ପରାକୁ ବିଦାୟ ଦେଇ ନକଲି ନେତୃତ୍ୱ କେବଳ କଥାର ଫୁଲ୍‌ଝରି ଉଡ଼ାଏ ।

ନେତୃତ୍ୱର ଅସଲି ନକଲି ସ୍ୱରୂପ ବିଶ୍ଳେଷଣ କରି ପୋଥିଟିଏ ଲେଖିଲେ ସରିବ ନାହିଁ । ମୋଟାମୋଟି ଭାବେ କେତେକ ପାର୍ଥକ୍ୟ ମାତ୍ର ଦର୍ଶା ଯାଇଛି । ଆମ ଦେଶର ସାଧାରଣ ଜୀବନରେ ଭେକଜୀବୀ ନକଲି ନେତୃତ୍ୱର ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି । ତାହା ମଧ୍ୟ ଦେଶବାସୀ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ଆଣିଦେଇଛି । ସେହି ଆହ୍ୱାନକୁ ଗ୍ରହଣ କରିବା ଆଜି ଆମ ପାଇଁ ସର୍ବପ୍ରଥମ ଆବଶ୍ୟକତା । ଆବଶ୍ୟକତାର ପୂରଣ କରି ପାରିବେ ସଚେତନ ଜନଗଣ ଏବଂ ଉଦ୍‌ବୁଦ୍ଧ ବୁଦ୍ଧିଜୀବୀ ବର୍ଗ । ପୌରାଣିକ ଉପାଖ୍ୟାନରୁ ଜଣାଯାଏ ଯେ, ଯେତେବେଳେ ଆସୁରିକ ଶକ୍ତିର ପ୍ରାଦୁର୍ଭାବ ଦେଖାଦେଲା ସେତେବେଳେ ଦେବତାମାନେ ନିଜ ନିଜର ଶକ୍ତିଦାନ କରିବା ଫଳରେ ମହାଶକ୍ତି ଦୁର୍ଗାମାତାଙ୍କ ଆବିର୍ଭାବ ଘଟିଲା ଏବଂ ସେ ଆସୁରିକ ଶକ୍ତିର ଆତତାୟୀ ଅଭିଯାନକୁ ଦମନ କରିପାରିଲେ ।

ଭାରତର ଅଗଣିତ ଜନତାଙ୍କ ମଧ୍ୟରୁ ପ୍ରତି ପ୍ରତ୍ୟେକେ ହେଉଛନ୍ତି ଅମୀତ ଶକ୍ତିର ଅଧିକାରୀ । ଦେଶ ବକ୍ଷରେ ଯାହା ଘଟିଯାଉଛି, ତହିଁ ପ୍ରତି ତଟସ୍ଥ ଓ ଉଦାସୀନ ମନୋଭାବ ନରଖି ପ୍ରତ୍ୟେକେ ଯଦି ଅନ୍ତରର ସୁପ୍ତ ଇଚ୍ଛା ଶକ୍ତିକୁ ଜାଗରିତ କରାନ୍ତି ଏବଂ ନକଲି ନେତୃତ୍ୱର ସର୍ବନାଶୀ ଅଭିଯାନକୁ ପ୍ରତିହତ କରିବାକୁ ସଂକଳ୍ପବଦ୍ଧ ହୁଅନ୍ତି, ତେବେ ଭବିଷ୍ୟତରେ ତାହା ନିଶ୍ଚିତ ଭାବରେ ସଫଳ ହେବ । ଜନ ଅନ୍ତରର ସୁପ୍ତ ଇଚ୍ଛା ଶକ୍ତିର ଜାଗରଣ ପାଇଁ ଏବଂ ଜାଗ୍ରତ ଇଚ୍ଛା ଶକ୍ତିର ସମନ୍ୱିତ ସଂଗଠନ ପାଇଁ ବୁଦ୍ଧିଜୀବୀଗଣଙ୍କ ଉଦ୍ୟମ ସଚଳ ହେଉ । ପବିତ୍ର ବାଇବେଲରେ ଅଛି –"Be aware of false prophets" । ଆଜି ସଚେତନ ବୁଦ୍ଧିଜୀବୀଗଣ ଦେଶବାସୀଙ୍କ କାନେ କାନେ ସମତାଳରେ ଆହୁରି ଦିଅନ୍ତୁ – "Be aware of false leaders" । ଲୋକଶକ୍ତି ଜାଗରିତ ହେଲେ ନକଲି ନେତୃତ୍ୱର ମୁଖା ଖୋଲିବ । ପ୍ରକୃତ ନେତା ଓ ନେତୃତ୍ୱ ପ୍ରକଟିତ ହେବେ । ଜନଜୀବନ ଉଦ୍ଧାର ପାଇବ । ପରବର୍ତ୍ତୀ ସଂଗ୍ରାମ ପାଇଁ ଏହା ହିଁ ଆଜି ପ୍ରଥମ ପଦକ୍ଷେପ ରୂପେ ଗୃହୀତ ହେଉ ।

# ମାଙ୍କଡ଼ କାହିଁକି ଡିଆଁ ମାରେ ?

**ରାଧୁ ମିଶ୍ର**



ଋତୁରାଜର ଉତ୍ତର ଆଧୁନିକ ଅର୍ଥ ହେଉଛି, 'ରାଜା ବନେଇବାର ଋତୁ' । ସେଇ ଅର୍ଥ ନେଇ ଋତୁରାଜ ଇଲେକ୍ସନ ଏବେ ବିଶାଳ ର୍‍ୟାଲି ମାନଙ୍କରେ ସବାର ହେଇ ଦେଶର ସବୁ ସହରରେ ପ୍ରବେଶ କଲାଣି । ଆଉ ମଧ ଏ ହଉଛି ଅସଲ ଡିଆଁ ଡେଇଁ କରିବାର ଋତୁ । ଆମେ ଦେଖିଲୁ ସତକୁ ସତ ସାରା ଦେଶ ଡେଉଁଛି । ର୍‍ୟାଲି ମାନଙ୍କରେ ଲକ୍ଷଲକ୍ଷ ଲୋକ ଡେଉଁଛନ୍ତି, ଗାଡ଼ିର ଛାତ ଉପରେ, ମଂଚ ଉପରେ ନେତାମାନେ ଡେଉଁଛନ୍ତି ତ ସର୍କାରୀ ଲୋକ ଇଲେକ୍ସନ ପ୍ରସ୍ତୁତି କାମରେ ଡେଉଁଛନ୍ତି । ଏଇ ମଉକାରେ ପାର୍ଟି ଟିକେଟ୍ ପାଇ ନଥିବା ଶହଶହ ନେତା ଏ ଦଳରୁ ସେ ଦଳକୁ ଡେଇଁ ପଡୁଛନ୍ତି । ବାପ ଦଳରୁ ଶଶୁର ଦଳକୁ ଡେଉଁଥିବା ନେତାଙ୍କ ଗୋତ୍ର ବଦଳି ଯାଉଛି । କିଏ କୁଅଁରରୁ ଅଚିରେ ଗାନ୍ଧୀ ପାଲଟି ଯାଉଛି ତ କିଏ ପଟ୍ଟନାୟକରୁ ମୋଦୀ । ଅବଶ୍ୟ ଏ ସବୁ ଟିଭି ଦେଖା କଥା । ଏବେ କହିବା, ଯାହା ଆମେ ଗତକାଲି ଆଖିରେ ଦେଖିଲୁ ।

ଆମର ଜଣେ ବନ୍ଧୁ ଦଳୀୟ ଟିକେଟ୍ ନ ପାଇ ଭାଙ୍ଗି ପଡ଼ିଛନ୍ତି ଶୁଣି ଆମେ ତା'ଙ୍କ ଘରକୁ ଯାଇଥିଲୁ ସାନ୍ତ୍ୱନା ଦେବା ପାଇଁ । ଦେଖିଲୁ ସେ ତା'ଙ୍କ ଡ୍ରଇଂ ରୁମ୍ ସାରା ଡେଉଁଛନ୍ତି । ଟେବୁଲରୁ ସୋଫା ଉପରକୁ ତ' ସୋଫାରୁ ତଳକୁ । କେତେବେଳେ ବାଆଁକୁ ତ କେତେବେଳ ଡାହାଣକୁ । ଆମେ ତା'ଙ୍କୁ ବାଧା ନ ଦେଇ ତଳେ ଦରିରେ ବସିଲୁ ଓ ପଚାରିଲୁ – କ'ଣ ବ୍ୟାୟାମ କରୁଛନ୍ତି ? ସେ କହିଲେ – ନା ହେ, ମୋର ପରବର୍ତ୍ତୀ କାର୍ଯ୍ୟକ୍ରମର ପ୍ରାକ୍ଟିସ୍ କରୁଛି । ଆମ କୌତୁହଳ ବଢ଼ିଗଲା – ସେ କ'ଣ ? ସେ ହଠାତ୍ ଉତ୍ୟକ୍ତ ହୋଇ ଉଠିଲେ – ଆରେ, ଦଳର ସବୁଠୁ ପୁରୁଣା ନେତା ମୁଁ । ଦଳୀୟ ମିଟିଂରେ ଟିକେ ପ୍ରେଷ୍ଟିଜ୍ ତ ଦଉନ, ଅନ୍ତତଃ ପେଟପାଟଣା କଥା ଟିକେ ଚିନ୍ତା କରିବନି ? ଗଲାଥର ହାରି ଯାଇଥିଲି ବୋଲି ଏଥର ମୋର ଟିକେଟ କାଟି ଦେଇଛନ୍ତି । ଦଳରେ ଆଉ ସିଦ୍ଧାନ୍ତ ବୋଲି କିଛି ନାଇଁ ।

ଆମେ ପଚାରିଲୁ – ଏବେ କ'ଣ କରିବେ ? ସେ ସୋଫା ଉପରକୁ ଚଢ଼ିଯାଇ କହିଲେ – ଆପଣ ତ ଜାଣନ୍ତି ମୁଁ ଆଜନ୍ମ ସିଦ୍ଧାନ୍ତବାଦୀ । ଯେଉଁ ଦଳର ସିଦ୍ଧାନ୍ତ ଠିକ୍ ଅଛି, ସେ ଦଳକୁ ଡେଇଁ ପଡ଼ିବି । କହୁ କହୁ ସୋଫାରୁ ପିଢ଼ା ଉପରକୁ ଡେଇଁ ପଡ଼ିଲେ ଓ କହିଲେ – ଆଗରୁ କେବେ ଡେଇଁନି ତ, ତେଣୁ ପ୍ରାକ୍ଟିସ୍ କରୁଛି, ଡେଇଁଲା ବେଳେ ଯେମିତି ହାତଗୋଡ଼ ଭାଙ୍ଗି ନ ଯାଏ । ଆମେ ଚୁପ୍‌କିନା ପଚାରିଦେଲୁ – ଆପଣଙ୍କ ମତରେ କୋଉ ଦଳର ସିଦ୍ଧାନ୍ତ ଠିକ୍ ଅଛି ? ସେତେବେଳକୁ ସେ ଆମ ପାଖରେ ଥିବା ଚୌକି ଉପରକୁ ଡିଆଁ ମାରି ଚଢ଼ି ସାରିଥିଲେ । କହିଲେ – ଦୁଇଟା ଜାତୀୟ ଦଳ ସାଙ୍ଗରେ କଥାବାର୍ତ୍ତା ଚାଲିଛି । ଯିଏ ମୋତେ ଟିକେଟ ଦେବାକୁ ରାଜି ହେବ ମୁଁ ଜାଣିଯିବି, ନିଶ୍ଚୟ ସେ ଦଳର ସିଦ୍ଧାନ୍ତ ସବୁଠୁ ଶ୍ରେଷ୍ଠ । ଆମେ ସେତେବେଳକୁ ଆତଙ୍କିତ ହୋଇ ଦରିରୁ ଚୁପ୍‌କିନା ପଛକୁ ଖସି ଆସିଥିଲୁ । ଚୌକିରୁ ଠିକ୍ ସେଇ ଖାଲି ଜାଗାକୁ ଡିଆଁ ମାରି ସେ ଟେବୁଲକୁ ଚଢ଼ିବାର ଉପକ୍ରମ କଲେ । ସେ ମଉକାରେ ଆମେ ବାହାରି ଆସିଲୁ ।

ଆର ସାଇ ଭିତର ଦେଇ ଆସିଲା ବେଳେ ଦେଖିଲୁ, ଜଣେ ନେତା ବନ୍ଧୁଙ୍କ ଘର ସାମନାରେ ବେଶ୍ ଗହଳି ଲାଗିଛି । ଆମ ମନକୁ ପାପ ଛୁଇଁଲା । ସହଜେ ତ ତା'ର ହାଇ ବିପି ଅଛି । ଦଳୀୟ ଟିକେଟ ନ ପାଇ ତା'ର କିଛି ହେଇଗଲା କି ? ଘର ଭିତରକୁ ପଶି ଆଶ୍ୱସ୍ତ ହେଲୁ । ସେ ଡ୍ରଇଂ ରୁମ୍‌ରେ କର୍ମୀ ଗହଣରେ ବିଜେ କରିଥାଏ । ତା' ସୋଫା ପଛପଟେ ଥିବା ବିଶାଳ ଫ୍ରେମ ଭିତରର ଫୋଟୋଟା କିନ୍ତୁ ବଦଳି ଯାଇଥିଲା । ସେ ଦଳର ହାଇ କମାଣ୍ଡ ବଦଳରେ ଏ ଦଳର ହାଇ କମାଣ୍ଡ । ଆମକୁ ଦେଖି ସେ ଭାରି ଖୁସି ହେଲା । କହିଲା – ଏଥର ପ୍ରସ୍ତୁତ ହେଇ ଯା' । ପ୍ରଚାର ଦାୟିତ୍ୱ ସବୁ ତୋ' ଉପରେ । ଆମେ ପଚାରିଲୁ – ତୁ' ତ ସେ ଦଳରେ କେତେ ଭଲରେ ଥିଲୁ, ସେଇଟା ହଠାତ୍ କାହିଁକି ଗନ୍ଧେଇଲା ? ସେ କହିଲା ଆରେ, ସେଠି ନକଲି ଗାନ୍ଧୀମାନେ ପୁରୁଷ ପୁରୁଷ ଧରି ଦେଶଟାକୁ ଖୋଳ କରି ଚାଲିଛନ୍ତି । କେତେ ସହିବ ମଣିଷ ? ଆମେ ହସି ହସି ପଚାରିଲୁ – ହେଲେ ଯୋଉ ଦଳକୁ ତୁ ଆସିଛୁ, ତା'କୁ ପରା ବର୍ଷ ବର୍ଷ ଧରି ପାଣି ପିଇ ପିଇ ଶୋଧୁଥିଲୁ । ସେ ସ୍ୱୀକାର କଲା – ହଁ ସତକଥା, ସେଥିପାଇଁ ମୁଁ ବହୁତ ଅନୁତାପ କରି ସାରିଲିଣି । ଏବେ ମୋର ହୃଦ୍‌ବୋଧ ହେଇଯାଇଛି ଯେ ଏଇଟା ହଉଛି ଦେଶର ଏକମାତ୍ର ସିଦ୍ଧାନ୍ତବାଦୀ ଦଳ । ଆମେ ପଚାରିଲୁ – ହୃଦ୍‌ବୋଧଟା ଏ ଦଳକୁ ଆସିବା ଆଗରୁ ହେଇଥିଲା ନା ଟିକେଟ ପାଇଲା ପରେ ହେଲା ? ସେ କହିଲା – ମୋ ଆସିବା ନେଇ ଯେତେବେଳେ ଆମର ବାର୍‌ଗେନ୍ ଚାଲିଥିଲା, ସେତେବେଳେ ହିଁ ଜାଣିଥିଲି । ଟିକେଟ ମିଳିଲା ପରେ ମୋର ବିଶ୍ୱାସ ଦୃଢ଼ ହେଲା ଯେ ୟା'ଙ୍କର କଥା ଆଉ କାମରେ ଫରକ୍ ନାଇଁ ।

ଆମେ ସେଇଠୁ ବିଦାୟ ନେଇ ଫେରିଲା ବେଳେ ବଜାରରେ ଦେଖିଲୁ ଆଉ ଜଣେ ବନ୍ଧୁ ନେତା ଡେଇଁ ଡେଇଁ ଆସୁଛନ୍ତି । ତା'ଙ୍କ ଦେଖାଦେଖି ତା'ଙ୍କ ଆଖପାଖରେ କିଛି ପିଲା ବି ହୋହୋ ହେଇ ଡେଉଁଛନ୍ତି । ସେ ଆମ ପାଖରେ ପହଂଚିଲା ମାତ୍ରେ ହଠାତ୍ ଆମକୁ ବି ଡିଆଁ ମାଡ଼ିଲା । ଆମ ପାଖ ଦେଇ ଯାଉଥିବା ଷଣ୍ଢଟା ଯେତେବେଳେ ହଠାତ୍ ଡିଆଁ ମାରି ଫେରାର ହେଇଗଲା ଆମେ ଜାଣିଗଲୁ, ବନ୍ଧୁଜଣଙ୍କ ପକ୍କା ଡିଆଁ ରୋଗୀ । ଆମେ ଡେଇଁ ଡେଇଁ ତା'ଙ୍କୁ ପଚାରିଲୁ – କିଛିଦିନ ତଳ ଯାଏଁ ତ କେଡ଼େ ସୁନ୍ଦର ଚାଲ୍‌ବୁଲ୍ କରୁଥିଲ । ତମକୁ ହଠାତ୍ ଇଯେ କ'ଣ ହେଇଗଲା ? ସେ କହିଲେ – ଗଲା ଦଶବର୍ଷ ହେଲା ମୁଁ ମୋହରେ ଥିଲି । ଏଥର ଟିକଟ କଟିଗଲା ମାତ୍ରେ ମୋର ମୋହ ଭଙ୍ଗ ହେଲା । ରାତିରେ ମୋତେ ନିଜେ ବଡ଼ ଠାକୁର ସ୍ୱପ୍ନରେ କହିଲେ – ଏଇ ଆଜେବାଜେ ଚିହ୍ନରେ ତୋ'ର ଉନ୍ନତି ନାଇଁ । ମୋର ଶଙ୍ଖ, ଚକ୍ର, ଗଦା, ପଦ୍ମରୁ ଗୋଟାକୁ ଆଶ୍ରା କର । ନିର୍ଦ୍ଦେଶ ପାଇ ତା' ଆରଦିନ ଡେଇଁଥିଲି ଗୋଟେ ଦଳକୁ । ହେଲେ ଚାରି ଛ'ଦିନ ଭିତରେ ଜାଣିଗଲି ଯେ ସେ ଦଳର ସିଦ୍ଧାନ୍ତ ବି ଠିକ୍ ନାଇଁ । ତା'ପରେ ଡେଇଁଲି ଆଉ ଗୋଟେ ଦଳକୁ ହେଲେ ଆଜି ସକାଳେ ଜାଣିଲି ଯେ ତା'ଙ୍କ ସିଦ୍ଧାନ୍ତଟା ଆହୁରି କଦର୍ଯ୍ୟ । ତେଣୁ ରାସ୍ତାରେ ମୁଁ ମୋର ସ୍ୱାଧୀନ ଭାବରେ ଡେଉଁଛି । ଯାହାଙ୍କ ସିଦ୍ଧାନ୍ତ ଠିକ୍ ଅଛି, ମୋତେ ନିଜେ ଆମନ୍ତ୍ରଣ କରନ୍ତୁ । ସେ ରାସ୍ତାକଡ଼ ଦୋକାନୀକୁ ଡେଇଁ ଡେଇଁ ପଇଡ଼ ଅର୍ଡର କଲେ । ଆମେ ପଚାରିଲୁ – ସେ ସବୁ ଦଳ ଗୁଡ଼ିକର ସିଦ୍ଧାନ୍ତ ଠିକ୍ ନାଇଁ ବୋଲି କେମିତି ଜାଣିଲ ? ସେ କହିଲେ – ଆମେ ହେଉଛୁ ପୋଖତ ରାଜନୀତିଜ୍ଞ । ପ୍ରାର୍ଥୀ ତାଲିକା ବାହାରିଲା ମାତ୍ରେ ଆମେ ଜାଣିଯାଉ । ଆମ ଭଳି ଲୋକପ୍ରିୟ ନେତାର ମୂଲ୍ୟ ଯିଏ ବୁଝି ନ ପାରିଲା ନିଶ୍ଚୟ ତା' ସିଦ୍ଧାନ୍ତଟା ଠିକ୍ ନାଇଁ । ଆମେ ତା'ଙ୍କ କଥାରେ ଶହେ ପ୍ରତିଶତ ସହମତ ହୋଇ ଡେଇଁ ଡେଇଁ ଘରଯାଏଁ ପଳେଇ ଆସିଲୁ ।

ଆମଠୁ ଏ ସବୁ ଘଟଣା ଶୁଣି ଆମ ସାନ ଝିଅ ହସି ହସି ଗଡ଼ିଗଲା । ତା'କୁ ଆହୁରି ହସେଇବା ପାଇଁ ଆମେ କହିଲୁ – ମୁଁ ଯେତେବେଳେ ପ୍ରାଇମେରୀ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଥିଲି, ସେତେବେଳେ ମୋ ପାଖରେ ବସୁଥିଲେ ଦୁଇଜଣ ସିଙ୍ଗାଣିନକା ଗାଉଁଲି ପିଲା । ଶ୍ରେଣୀରେ ବାମନ ଆଜ୍ଞା ଯେତେବେଳେ ପଢ଼ଉଥାନ୍ତି 'ମାଙ୍କଡ଼ଟିଏ ଡିଆଁ ମାରୁଛି' ସେତେବେଳେ ମୋ ପାଖର ସିଙ୍ଗାଣିନକା ଆର ଜଣକୁ ପଚାରୁଥାଏ – 'ମାକର କାଏଁଥିର୍ ଲାଗି ଡିଆଁ ମାରୁଛେ ବୋ ?' ଆମର ତ ପଶ୍ଚିମ ଓଡ଼ିଶାର ଦଶ୍‌ଟା ଯାକ ଜିଲ୍ଲାରେ 'ଡିଆଁ'ର ଏକମାତ୍ର ଅର୍ଥ ହେଉଛି 'ଉଇ' । ଏଥକୁ ଆର ସିଙ୍ଗାଣିନକା ଉତ୍ତର ଦେଲା – 'ଖାଏବାର୍ ଲାଗି ମାରୁଥିବା ବୋ ।' ସେତେବେଳେ ମୋତେ ଏଇ ଉତ୍ତରଟା ଠିକ୍ ଲାଗିଥିଲା । ଝିଅ ଏ କଥାରେ ପୁଣି ଥରେ ହସି ହସି ଗଡ଼ିଗଲା । ଯୋଗକୁ ସେଇଦିନ ହିଁ ସଞ୍ଜବେଳେ ଟିଭିରେ ଜଣେ ମିଡ଼ିଆବାଲା ଜଣେ ଡେଗୁନେତାଙ୍କ ମୁହଁରେ ମାଇକ୍ ପୂରାଇ ପଚାରୁଥାନ୍ତି – ଆପଣ ସେ ଦଳରୁ ଏ ଦଳକୁ କାହିଁକି ଡିଆଁ ମାରିଲେ ସାର୍ ? ସୋଫାରେ ବସିଥିବା ଝିଅ ତୁରନ୍ତ ପାଟି କଲା – 'ଖାଏବାର୍ ଲାଗି ମାରିଥିବା ବୋ । ବିଚ୍‌ରା କେ ସେ ଦଲ୍ ଥି ଖାଏବାକେ ନାଇଁ ମିଳିଥିବା ।' ତେଣେ ନେତା ସିଦ୍ଧାନ୍ତ ଓ ବିକାଶର କଥା କହୁଥିଲେ ।

■ ୩୦୩, ପର୍ଲ ହାଇଟ୍‌ସ୍
ପାନପୋଷ କଲୋନୀ, ରାଉରକେଲା-୪
ମୋ.: ୮୨୮୦୨୬୬୮୨୧

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



### ଚିନ୍ତନର ସଂକ୍ରମଣ

କ୍ରିୟାର ଯେପରି ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ରହିଛି, ଆମ ଚିନ୍ତନ ମଧ୍ୟ ପ୍ରତିକ୍ରିୟାତ୍ମକ ହୋଇ ଆମ ପାଖକୁ ଲେଉଟି ଆସେ । ଜଣକର ମଙ୍ଗଳ ଚିନ୍ତା କଲେ, ସେ ଆମର ଶୁଭ ମନାସିବ । କିନ୍ତୁ ଆମେ ଯଦି ଅନ୍ୟର ଅନିଷ୍ଟ ଚିନ୍ତା କରିବା, ତେବେ ତା'ଠାରୁ କୁଶଳକ୍ଷେମର ଆଶା ନିରର୍ଥକ । ସେଥି ସକାଶେ 'ସର୍ବେଭବନ୍ତୁ ସୁଖିନଃ....'ର ଯୁଗେ ଯୁଗେ ପ୍ରାସଙ୍ଗିକତା ରହିଛି ।

ଶ୍ରେଷ୍ଠୀ ଅମୃତଚନ୍ଦ୍ରର ଯେତେବେଳେ ବି ରାଜାଙ୍କ ସହିତ ସାମନା ହୋଇଛି, କେଜାଣେ କାହିଁକି ରାଜାଙ୍କ ମନରେ ତୀବ୍ର ଭାବାନ୍ତର ସୃଷ୍ଟି ହେଉଛି । ରାଜା ତାଙ୍କ ପ୍ରାଣଦଣ୍ଡ ଦେବା କଥା ଚିନ୍ତା କରୁଛନ୍ତି । ତେବେ ରାଜାଙ୍କ ବିବେକ, ପ୍ରଶ୍ନ କରୁଛି ଶ୍ରେଷ୍ଠୀଙ୍କ ଅପରାଧ କ'ଣ ? ଏହି ମାନସିକତାରେ ବ୍ୟତିବ୍ୟସ୍ତ ହୋଇ ମନ୍ତ୍ରୀଙ୍କୁ ଆମଣା ସମସ୍ୟା ବିଷୟରେ ପଚାରିଲେ । ଅନ୍ତର୍ଦୃଷ୍ଟିସଂପନ୍ନ ମନ୍ତ୍ରୀ ସମସ୍ୟାର ସମାଧାନ ପାଇଁ କିଛି ସମୟ ମାଗିଲେ ।

ପରଦିନ ଅପରାହ୍ନରେ ମନ୍ତ୍ରୀ ଶେଷ୍ଠୀଙ୍କ ଘରେ ପହଂଚି ତାଙ୍କ ହାଲଚାଲ ଓ ବ୍ୟାପାରର ସ୍ଥିତି ସମ୍ବନ୍ଧରେ ପଚାରିଲେ । ଶ୍ରେଷ୍ଠୀ ଉତ୍ତର ଦେଲେ – 'ମନ୍ତ୍ରୀବର ! ମୁଁ ଚନ୍ଦନକାଠର ବ୍ୟବସାୟ କରିଥାଏ । ଗତ ତିନି ବର୍ଷ ହେଲା ଲଗାଏତ ମୁଁ ଏହି ବ୍ୟବସାୟରେ କ୍ଷତି ସହି ଆସୁଛି । ବଜାର ମାନ୍ଦା ଚାଲିଛି । ବର୍ତ୍ତମାନ ମୋ ପାଖରେ ଚନ୍ଦନକାଠ ପ୍ରଚୁର ମାତ୍ରାରେ ମହଜୁଦ ଅଛି । ବିକ୍ରି ହୋଇପାରୁନି ।' ମନ୍ତ୍ରୀ ଚତୁରତାର ସହିତ କଣ୍ଠକୁ ଆତ୍ମୀୟତାର ପ୍ରଲେପ ଦେଇ ପଚାରିଲେ – 'ଏବେ କ'ଣ ଭାବୁଛ ?' ଶ୍ରେଷ୍ଠୀ କହିଲେ – 'ମାନ୍ୟବର ! ମୋ ମନରେ ଗୋଟିଏ ଦୁଶ୍ଚିନ୍ତା ପ୍ରବେଶ କରିଛି ଯେ ଯଦି ଆମ ରାଜା ଏବେ ମରି ଯାଆନ୍ତେ, ତେବେ ତାଙ୍କ ଶବ ସତ୍କାର ପାଇଁ ଚନ୍ଦନ କାଠର ପାରମ୍ପରିକ ଆବଶ୍ୟକ ହୁଅନ୍ତା । ରାଜା ମଲେ ମରନ୍ତୁ କିନ୍ତୁ ମୁଁ ନିସ୍ତାର ପାଇଯାନ୍ତି ।'

ମନ୍ତ୍ରୀ ସମସ୍ୟାର ମୂଳ ପର୍ଯ୍ୟନ୍ତ ପହଂଚିଗଲେ । ଦୁଇ ଦିନ ପରେ ଶ୍ରେଷ୍ଠୀଙ୍କ ଘରେ ପହଂଚି କହିଲେ – ରାଜାଙ୍କ ସ୍ୱାସ୍ଥ୍ୟ ଖରାପ । ବୈଦ୍ୟଙ୍କ ପରାମର୍ଶ ମୁତାବକ ତାଙ୍କ ପାଇଁ ଯେଉଁ ଚୁଲିରେ ଖାଦ୍ୟ ପ୍ରସ୍ତୁତ କରାଯିବ, ସେଥିରେ ସାଧାରଣ କାଠ ବଦଳରେ ଚନ୍ଦନକାଠ ବ୍ୟବହୃତ ହେବ । ତେଣୁ ତମ ପାଖରେ ଥିବା ସବୁଯାକ ଚନ୍ଦନକାଠ ଆମେ କିଣିବାକୁ ଆସିଛୁଁ । ତୁମେ ତାର ମୂଲ୍ୟ ନେଇଯାଅ । ଶ୍ରେଷ୍ଠୀ ଆଶାରୁ ଅଧିକ ଧନ ପାଇ କାଠ ବିକିଦେଲେ ।

କିଛି ଦିନ ପରେ ମନ୍ତ୍ରୀ ରାଜସଭାରେ ପହଂଚିଲେ । ରାଜା କହିଲେ – ମନ୍ତ୍ରୀ ! ଇତିମଧ୍ୟରେ ତୁମେ ଏମିତି କ'ଣ କରିପକାଇଲ ଯେ ମୋ ବିଚାର ବଦଳି ଯାଇଛି । ଶ୍ରେଷ୍ଠୀଙ୍କୁ ଦେଖିଲା ମାତ୍ରେ ତାକୁ ସମ୍ମାନିତ କରିବାକୁ ମନ କରୁଛି ।

ମନ୍ତ୍ରୀ ଶ୍ରେଷ୍ଠୀଙ୍କୁ ରାଜସଭାକୁ ଡକାଇ ତାଙ୍କୁ ଅଭୟଦାନ ଦେଇ ସବୁକଥା ଖୋଲି କହିବା ପାଇଁ ଆଦେଶ ଦେଲେ । ଶ୍ରେଷ୍ଠୀ କହିଲେ – 'ରାଜନ୍ ! ଚନ୍ଦନକାଠ ବିକ୍ରି ହେଉ ନଥିବାରୁ ମୁଁ ମନରେ ଆପଣଙ୍କ ଚିତା ସଜାଉଥିଲି । କିନ୍ତୁ ମନ୍ତ୍ରୀ ଯେତେବେଳେ ସବୁଯାକ କାଠ କିଣି ତା' ସାହାଯ୍ୟରେ ଆପଣଙ୍କର ରୋଷେଇର ବ୍ୟବସ୍ଥା କଲେ, ମୁଁ ଆପଣଙ୍କ ଦୀର୍ଘ ଜୀବନର କାମନା କରିବା ପ୍ରାରମ୍ଭ କଲି ।'

ପ୍ରଜ୍ଞାବାନ ମନ୍ତ୍ରୀ କହିଉଠିଲେ – 'ଶ୍ରେଷ୍ଠୀଙ୍କ ପ୍ରଥମ ଚିନ୍ତନର ପ୍ରତିକ୍ରିୟା ସ୍ୱରୂପ ଆପଣ ତାଙ୍କୁ ମୃତ୍ୟୁଦଣ୍ଡ ଦେବା କଥା ଭାବୁଥିଲେ । ତାଙ୍କ ପରବର୍ତ୍ତୀ ଚିନ୍ତନରେ ଆପଣଙ୍କ ହୃଦୟ ପରିବର୍ତ୍ତନ ହେଲା । ଆପଣ ତାଙ୍କୁ ସମ୍ମାନିତ କରିବାର ଚିନ୍ତା କରିବାକୁ ଲାଗିଲେ ।'

ଏହା ସୃଷ୍ଟିର ଅଘୋଷିତ ନିୟମ । ସତ୍‌ଚିନ୍ତନର ନିଶ୍ଚିତ ସୁପରିଣାମ ରହିଛି । ତେଣୁ ଅନ୍ୟର ଅମଙ୍ଗଳ ଚିନ୍ତାରୁ ନିବର୍ତ୍ତି ପାରିଲେ, ତାର କୁପରିଣାମ ଭୋଗିବାକୁ ପଡ଼ନ୍ତା ନାହିଁ ।


- ଆବଶ୍ୟକ ନ ହେଲେ ଘରୁ ବାହାରନ୍ତୁ ନାହିଁ ।
- ମୁହଁରେ ମାକ୍ସ ଲଗାନ୍ତୁ ।
- ବାରମ୍ବାର ସାବୁନରେ କିମ୍ବା ସେନିଟାଇଜର୍‌ରେ ହାତ ଧୁଅନ୍ତୁ ।
- ସାମାଜିକ ଦୂରତା ବଜାୟ ରଖନ୍ତୁ ।

ସଚେତନ ହୁଅନ୍ତୁ
କରୋନାକୁ ପରାଜିତ କରନ୍ତୁ ।

...... ଜଣେ ଶୁଭେଚ୍ଛୁ ....

## ବାଦିମୁଣ୍ଡାରେ ଯୁବକଙ୍କୁ ନୃଶଂସ ହତ୍ୟା : ୨ ଗିରଫ୍

ଲୋଇସିଂହା, (ସ୍ୱପ୍ର) : ବଲାଙ୍ଗିର ସଦର ଥାନା ମାଗୁରବେଡା ଫାଣ୍ଡି ଅଧିନସ୍ଥ ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିମୁଣ୍ଡା ଗ୍ରାମର ପିଛାଲୁ ନାଏକଙ୍କ ପୁଅ ସୁରେଶନ ନାଏକ(୨୮)ଙ୍କୁ ମଙ୍ଗଳବାର ରାତିରେ ଗ୍ରାମର ୨ ଜଣ ଯୁବକ ଅତି ନୃଶଂସ ଭାବରେ ହତ୍ୟା କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ, ବାଦିମୁଣ୍ଡା ଗ୍ରାମର ମୃତ ସୁରେଶନ ଦାଦନ ଶ୍ରମିକ ଭାବରେ ବାହାରେ କାମ କରି କିଛି ଦିନ ହେଲା ଗାଁ କୁ ଫେରିଥିଲା । ତେବେ ଘଟଣା ଦିନ ରାତିରେ ସୁରେଶନକୁ ଗ୍ରାମର ଶବଛ କୁମାର ଦାସ ଓ ଗୁଦାମ ଭୁଏ ଯୋଜନାବଦ୍ଧ ଭାବେ ହରିଜନପଡା ନିକଟସ୍ଥ ନୁଆଁବନ୍ଧକୁ ଡାକିନେଇ ହତ୍ୟା କରିଥିବା ଆଲୋଚନା ହେଉଛି । ଏପରିକି ଏମାନେ ସମସ୍ତେ ମଦ ପିଇ ହୋହାଲ୍ଲା କରିଥିବା କିଛି ସ୍ଥାନୀୟବାସୀ ମଧ୍ୟ ଶୁଣିଥିଲେ । କିନ୍ତୁ ଦୈନନ୍ଦିନ ମଦୁଆଙ୍କ ଏପରି ହୋହାଲ୍ଲାକୁ ଅଧିକ ଧ୍ୟାନ ମଧ୍ୟ ଦେଇନଥିବା ବେଳେ ପ୍ରାୟ ରାତି ୯ ଟାରୁ ୧୦ ଟା ଭିତରେ ଏହି ଜଘନ୍ୟ କାଣ୍ଡ ଘଟିଥିବା ଜଣାପଡିଥିଲା । ଘଟଣାସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ, ସଂପୃକ୍ତ ୨ ଜଣ ଯୁବକ ଅତି ନୃଶଂସ ଭାବେ ୨ଟି ବାଡିରେ ପ୍ରବଳ ଭାବେ ମାଡ ମାରିଥିବା ଯୋଗୁଁ ପ୍ରାୟ ୧୦୦ ଫୁଟରୁ ରକ୍ତ ପଡିଥିବା ଦେଖାଦେଇଛି । ଏହାସହ ପ୍ରବଳ ମାଡ ଯୋଗୁଁ ଗୋଟିଏ ଗୋଡ ମଧ୍ୟ ଭାଙ୍ଗିଥିବା ବେଳେ ମୁଣ୍ଡରେ ମଧ୍ୟ ପ୍ରବଳ ଭାବେ ମାଡ ହୋଇଛି । ଯାହାଫଳରେ ମୁଣ୍ଡଟି ରକ୍ତାକ୍ତ ହେବା ସହ ବନ୍ଧ ଆଡିରେ ମରି ପଡିଥିବା ଦେଖାଦେଇଛି । ତେବେ ସେହି ରାତିରେ ପୋଲିସ ଖବର ପାଇ ଶବକୁ ପରିବାରବର୍ଗଙ୍କ ସହାୟତାରେ ଜଗିବା ସହ ଗୁଦାମ ଭୁଏକୁ ଗିରଫ କରି ଅଟକ ରଖିଥିଲା । ଏହାସହ ବୁଧବାର ପୋଲିସ ଘଟଣାସ୍ଥଳ ପହଂଚି ସ୍ଥିତି ଅନୁଧ୍ୟାନ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ଶ୍ରବଛ କୁମାର ଦାସକୁ ମଧ୍ୟାହ୍ନରେ ଗିରଫ କରି ଅଟକ ରଖିଛି । ମାଗୁରବେଡା ଫାଣ୍ଡି ଅଧିକାରୀ ମଳୟ କୁମାର ପଣ୍ଡା ତଦନ୍ତ ଜାରି ରଖିଥିବା ଜଣାଯାଇଛି । ସୂଚନା ଥାଉକି, ଏହି ଅଂଚଳରେ ଅବାଧ ମଦ କାରବାର ସହ ଜୁଆଖେଳ ଯୋଗୁଁ ବହୁ ଗରିବ ପରିବାର ଶୋଷଣ ହେଉଥିବା କୁହାଯାଇଛି । ପ୍ରାୟ ୨ ବର୍ଷ ତଳେ ବାଦିମୁଣ୍ଡା ବଜାର ଛକରେ ଜୁଆ ଖେଳ ଚଢଉ ସମୟରେ ଦୌଡି ପଳାଉଥିବା ବେଳେ ଏକ କୂଅରେ ପଡି ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ସେହିପରି ବର୍ତ୍ତମାନର ଘଟଣା ମଧ୍ୟ ଉଭୟ ମଦୁଆଙ୍କ କାରବାର ବୋଲି ଜଣାପଡିଛି । ତେଣୁ ଉଭୟ ମଦ ଓ ଜୁଆର ଅବାଧ କାରବାର ଯୋଗୁଁ ଏହି ଅଂଚଳରେ ବ୍ୟାପକ ଭାବେ ଅପରାଧ ବୃଦ୍ଧି ପାଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରାଷ୍ଟା ସାଜିଥିବା ଅଭିଯୋଗ ହେଉଛି ।

ତେବେ ଏହି ହତ୍ୟା ଘଟଣାର ଅଧିକ ତଦନ୍ତ କରି ସଂପୃକ୍ତ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଭୟ ମଦ ଓ ଜୁଆକୁ ସଂପୂର୍ଣ୍ଣ ଭାବେ ଏହି ଅଂଚଳରେ ବନ୍ଦ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ବଲାଙ୍ଗିର ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ଶୀଘ୍ର ପୂରଣ କରନ୍ତୁ ସରକାର : ନରସିଂହ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁବେଳେ ସରକାରଙ୍କ ବୈମାତୃକ ମନୋଭାବର ଶିକାର ହୋଇଆସିଛି । ବହୁତ ଦିନରୁ ଜିଲ୍ଲାରେ ୧୦୦ରୁ ଊର୍ଦ୍ଧ୍ୱ ହେବ ଡାକ୍ତର ପଦବୀ ଖାଲି ପଡିଛି । ସରକାରଙ୍କୁ ବାରମ୍ବାର ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର ପଦବୀ ପୂରଣକୁ ନେଇ ଅନୁରୋଧ କଲେ ମଧ କୌଣସି ସୁଫଳ ମିଳୁନାହିଁ । ବର୍ତ୍ତମାନ ସରକାରଙ୍କ ଆମ ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ଏତେ ବଢିଯାଇଛି ଯେ ଏଠାକାର ଡାକ୍ତରଖାନାମାନଙ୍କରେ ଖାଲିଥିବା ପଦବୀ ପୂରଣ ପରିବର୍ତ୍ତେ ଏଠାରୁ ଡାକ୍ତରଙ୍କୁ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟସେବା ପାଇଁ ପଠେଇ ସେଠାରେ ନିୟୋଜିତ କରାଯାଉଛି ବୋଲି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି ।

ସେ ଆହୁରି ମଧ କହିଛନ୍ତି ଯେ, ସରକାରଙ୍କ ସ୍ପଷ୍ଟ ନିୟମ ଅଛି ଯେ କେବିକେ ଭଳିଆ ଅନଗ୍ରସର ଜିଲ୍ଲାମାନଙ୍କରେ କୌଣସି ବି କର୍ମଚାରୀଙ୍କୁ ଅନ୍ୟ ଜିଲ୍ଲାକୁ ବିନା ରିଲିଭର୍‌ରେ ନିଆଯାଇ ପାରିବ ନାହିଁ । କିନ୍ତୁ ବଲାଙ୍ଗିର କ୍ଷେତ୍ରରେ ବାରମ୍ବାର ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପଚାରିଲେ କହୁଛନ୍ତି ୧୦/୧୫ ଦିନ ଭିତରେ ଏଠାରୁ ଯାଇ ଗଞ୍ଜାମରେ ନିୟୋଜିତ ଡାକ୍ତରମାନଙ୍କୁ ପୁଣି ଫେରେଇ ଅଣାଯିବ । ଏଠାରେ ମୋର ପ୍ରଶ୍ନ ଯଦି ଏହି ୧୦/୧୫ ଦିନ ଭିତରେ ଆମ ଜିଲ୍ଲାର କୌଣସି ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁବରଣ କରେ ତେବେ ଦାୟୀ କିଏ ରହିବ ? ସରକାର ଏହାର ଉତ୍ତରଦାୟିତ୍ୱ ନେବେ କି ? ତେଣୁ ସରକାର ଆମ ଜିଲ୍ଲା ପ୍ରତି ଥିବା ତାଙ୍କର ବୈମାତୃକ ମନୋଭାବକୁ ତ୍ୟାଗ କରି ଯେତେ ଶୀଘ୍ର ହେବ ଏଠାରୁ ଯାଇଥିବା ସମସ୍ତ ଡାକ୍ତରଙ୍କୁ ଫେରାଇ ଆଣନ୍ତୁ ଏବଂ ତା ସହିତ ବଲାଙ୍ଗିରରେ ଖାଲିଥିବା ସମସ୍ତ ଡାକ୍ତର ପଦବୀ ପୂରଣ କରନ୍ତୁ । ଶ୍ରୀ ମିଶ୍ର ଆହୁରି ମଧ ବଲାଙ୍ଗିର ଜନସାଧାରଣଙ୍କୁ ସରକାରଙ୍କ ଏପରି ବଲାଙ୍ଗିର ପ୍ରତି ଥିବା ଟାଳଟୁଳ ନୀତି ବିରୁଦ୍ଧରେ ଜାତି, ଦଳ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ହୋଇ ବଲାଙ୍ଗିରର ସ୍ୱାର୍ଥ ପାଇଁ ସରକାରଙ୍କୁ ସମାଲୋଚନା କରିବା ସହ ଏହି ବୈମାତୃକ ମନୋଭାବ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାକୁ ଆହ୍ୱାନ ଦେଇଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲାରେ ଥିବା ସମସ୍ତ ଡାକ୍ତରଖାନାମାନଙ୍କରେ ବହୁଦିନରୁ ୧୦୦ରୁ ଊର୍ଦ୍ଧ୍ୱ ହେବ ଡାକ୍ତର ପଦବୀ ଖାଲି ପଡିଛି । ଫଳରେ କରୋନା ମହାମାରୀ ସମୟରେ ଲୋକେ ଚିକିତ୍ସା ସୁବିଧା ନ ପାଇ ଏକ ଅଭାବନୀୟ ପରିସ୍ଥିତିରେ ଦିନ କାଟୁଛନ୍ତି ।

## ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଓଏଭି ପଥରଚେପା ଛାତ୍ର ରିକନ୍ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନରେ ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି



ବଲାଙ୍ଗିର, (ନିପ୍ର) : ସିବିଏସ୍‌ଇ ବୋର୍ଡ ପରୀକ୍ଷାଫଳ ଇତି ମଧ୍ୟରେ ପ୍ରକାଶ ପାଇଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପଥରଚେପା ଛାତ୍ର ରିକନ ମହାକୁର ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନରେ ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ସବୁଠୁ ଖୁସିର ବିଷୟ ମାତୃଭାଷାରେ ୧୦୦ ରୁ ୧୦୦ ମାର୍କ ରଖିବାରେ ସାମର୍ଥ୍ୟ ପ୍ରତିପାଦନ କରିଥିବା ବେଳେ ଗଣିତରେ ୯୯, ଏସ୍‌ଏସ୍‌ଟିରେ ୧୦୦ରୁ ୯୯, ବିଜ୍ଞାନ ୧୦୦ ରୁ ୯୪, ଇଂରାଜୀ ୧୦୦ ରୁ ୯୬ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଦେଇଛନ୍ତି । ତାଙ୍କ ସମୁଦାୟ ମାର୍କ ୫୦୦ ରୁ ୪୮୮ (୯୭.୬%) ରହିଛି । ଭବିଷ୍ୟତରେ ଡାକ୍ତର ହେବା ତାଙ୍କ ଲକ୍ଷ୍ୟ । ତାଙ୍କ ସଫଳତା ପାଇଁ ବାପା ଗୋପାଳ ଚନ୍ଦ୍ର ମହାକୁର (ପିଙ୍କୁ), ମା ସନ୍ତୋଷିନୀ ମହାକୁର, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ବିଦ୍ୟାଳୟର ଅଧକ୍ଷ କ୍ଷମାନିଧି ଝାଙ୍କର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ, ଅଭିଭାବକ ତଥା ବୁଦ୍ଧିଜିବୀମାନଙ୍କ ପକ୍ଷରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି ।

## କୃଷି ବିଭାଗର ବିହନ ବଂଟନ କାର୍ଯ୍ୟକ୍ରମ

## 'ସାର କଳାବଜାରୀ ଲଗାମ ଲଗାଉ ବିଭାଗ'




ବଲାଙ୍ଗିର, (ନିପ୍ର) : ଆମର ଚାଷୀ ଠିକ୍ ସମୟରେ ଚାଷ ପାଇଁ ଔଷଧ ପାଉନାହିଁ, ସାର ପାଉନାହିଁ, ବିହନ ପାଉନାହିଁ, ଏପରିକି ଧାନ ଅମଳ କଲା ପରେ ତାର ଉଚିତ ମୂଲ୍ୟ ବି ପାଉନାହିଁ । ବିଭାଗୀୟ ଅଧିକାରୀମାନେ ମଧ ତତ୍ପରତାର ସହିତ ଚାଷୀଙ୍କୁ ସହାୟତା କରିବା ଦେଖା ଯାଉନାହିଁ । ଆବଶ୍ୟକୀୟ ସାର ଠିକ୍ ସମୟରେ ତ ପାଉ ନାହିଁ ଓଲଟା ଯେତେବେଳେ ପାଉଛି ବହୁତ ଚଢା ଦରରେ କିଣିବା ପାଇଁ ବାଧ ହେଉଛି । ଠିକ୍ ସମୟରେ ଓ ଠିକ୍ ଦରରେ ସାର ନ ପାଇବା ଦ୍ୱାରା ସେ ଘୋର ସମସ୍ୟା ଭିତରେ ଗତି କରୁଛି । ତେଣୁ କୃଷି ବିଭାଗ ସାରର କଳାବଜାରୀରେ ଲଗାମ ଲଗାଉ, ନଚେତ ସେମାନେ ଚାଷୀଙ୍କ ଆକ୍ରୋଶର ଶିକାର ହେବେ ବୋଲି ବଲାଙ୍ଗିର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ବିଭାଗ ଦ୍ୱାରା ଅନୁଷ୍ଠିତ ବିହନ ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବଲାଙ୍ଗିରର ବିଧାୟକ ନରସିଂହ ମିଶ୍ର ଜିଲ୍ଲା କୃଷି ବିଭାଗକୁ ସତର୍କ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ବଲାଙ୍ଗିର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ବିଭାଗ ଦ୍ୱାରା ଅନୁଷ୍ଠିତ ବିହନ ବଂଟନ କାର୍ଯ୍ୟକ୍ରମରେ ବଲାଙ୍ଗିର ସଦର ବ୍ଲକ ଅଧିନସ୍ଥ ବିଭିନ୍ନ ପଂଚାୟତର ଚାଷୀମାନଙ୍କୁ ବିଭାଗ ତରଫରୁ ବିହନ ପ୍ରଦାନ କରିବା ପାଇଁ ଆମନ୍ତ୍ରିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବଲାଙ୍ଗିରର ମାନ୍ୟବର ବିଧାୟକ ନରସିଂହ ମିଶ୍ର ଚାଷୀମାନଙ୍କୁ ତାଙ୍କର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଉପସ୍ଥିତ ଚାଷୀମାନେ ତାଙ୍କର ବିଭିନ୍ନ ସମସ୍ୟା ବିଭାଗିୟ କର୍ମଚାରୀଙ୍କ ଉପସ୍ଥିତିରେ ବିଧାୟକଙ୍କୁ ଖୋଲା ଖୋଲି ଭାବେ କହିଥିଲେ ।

ଜିଲ୍ଲା ଯୋଜନା ଅଧିକାରୀ ସୁଧାକର ନନ୍ଦଙ୍କ ସଂଯୋଜନାରେ ତଥା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବିହନ ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର ବଲାଙ୍ଗିର ସଦର ବ୍ଲକ ଅଂଚଳର ପଂଚାୟତମାନଙ୍କରୁ ଆସିଥିବା ସମସ୍ତ ଚାଷୀଙ୍କ ସହିତ ଚାଷ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ପ୍ରାୟ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିହନ ବଂଟନ କାର୍ଯ୍ୟକ୍ରମ କୃଷି ବିଭାଗ ବହୁ ବିଳମ୍ବରେ କରିଥିବାରୁ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ । ବିଶେଷ କରି ସାର କଳାବଜାରୀକୁ ନେଇ ଶ୍ରୀ ମିଶ୍ର ଜିଲ୍ଲା କୃଷି ଅଧିକାରୀଙ୍କୁ ତାଗିଦ୍ କରିବା ସହ ପ୍ରତ୍ୟେକ ଚାଷୀ ଯେପରି ଆଗାମୀ ଦିନରେ ସରକାରୀ ଦରରେ ସାର ପାଇବେ ତା'ର ବ୍ୟବସ୍ଥା କରନ୍ତୁ ବୋଲି ତାଗିଦ୍ କରିଥିଲେ । ସାର, କୀଟନାଶକ, ବିହନ ଠିକ୍ ସମୟରେ ମିଳିପାରୁ ନ ଥିବାର ପ୍ରତ୍ୟେକ ଚାଷୀ ଅଭିଯୋଗ କରିବା ସହ ଭିଏଡବ୍ଲୁମାନେ ନିଜ ନିଜ ହେଡ୍‌କ୍ୱାଟରରେ ରହୁନଥିବାରୁ ଚାଷୀମାନଙ୍କ ପାଇଁ ଆସୁଥିବା ସରକାରୀ ଯୋଜନା ଲାଭ କେବଳ କଳାବଜାରୀ ଓ ଅସାଧୁ ସାର, ବିହନ, କିଟନାଶକ ବ୍ୟବସାୟୀମାନେ ଉଠାଉଛନ୍ତି ବୋଲି ଆଲୋଚନା ହୋଇଥିଲା ଏବଂ କିଟ ନାଶକ ଔଷଧ ପୂର୍ବଭଳି ସହକାରୀ ବିକ୍ରୟ କେନ୍ଦ୍ରରେ ମିଳିଲେ ଚାଷୀମାନେ ଠିକ୍ ହିସାବରେ ତାର ଲାଭ ପାଇପାରିବେ ବୋଲି ବିଧାୟକ ମିଶ୍ର ଜିଲ୍ଲା କୃଷି ଅଧିକାରୀଙ୍କୁ ତାର ବ୍ୟବସ୍ଥା କରିବା ପାଇଁ କହିଥିଲେ । ଆହୁରି ମଧ ଚାଷୀମାନେ ଶ୍ରୀ ପଦ୍ଧତିରେ ଚାଷ କଲେ ୩୦ ରୁ ୩୫ କ୍ୱିଣ୍ଟାଲ ଧାନ ପାଉଛନ୍ତି, ସରକାର କିନ୍ତୁ ତାର ଅଧା ଧାନ ଚାଷୀ ପାଖରୁ କିଣୁଛି । ଫଳରେ ବଳକା ଧାନ କମ୍ ରେଟ୍‌ରେ ବିକିବା ପାଇଁ ଚାଷ ବାଧ ହେଉଛନ୍ତି । ଏହି ପରି ପ୍ରତ୍ୟକ୍ଷ ପରୋକ୍ଷ ଭାବରେ ସରକାର, ବିଭାଗ ଓ ଅସାଧୁ ବ୍ୟବସାୟୀ ସବୁ କ୍ଷେତ୍ରରେ ଚାଷୀଙ୍କୁ ଲୁଟୁଛନ୍ତି ବୋଲି ଶ୍ରୀ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ବିଭିନ୍ନ ପଂଚାୟତରୁ ଆସିଥିବା ତଥା ବିଜିଆରଇଆଇ ଯୋଜନାରେ ସାମିଲ ଥିବା ଚାଷୀମାନଙ୍କୁ ମାନ୍ୟବର ବିଧାୟକ ବିହନ ଓ ଅନ୍ୟାନ୍ୟ ସାମଗ୍ରୀ ବଂଟନ କରିଥିଲେ । ଶେଷରେ ବଲାଙ୍ଗିର ସଦର ବ୍ଲକର ସହକାରୀ କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଶୋକସଭା

## ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ଦାବୀ




ବଲାଙ୍ଗିର, (ନିପ୍ର) : ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ କରୋନା ସଂକ୍ରମଣରେ ମୃତ୍ୟୁବରଣ କରିଥିବା ଦୁଇ ଜଣ କରୋନା ଯୋଦ୍ଧା ସାମ୍ବାଦିକ ପ୍ରିୟଦର୍ଶୀ ପଟ୍ଟନାୟକ (ମୁନୁ) ଓ କେ.ସିଏଚ୍. ରତ୍ନମ୍‌ଙ୍କ ଉଦ୍ଦେଶ୍ୟରେ ଏବଂ ନିକଟରେ ଇହଲୀଳା ତ୍ୟାଗ କରିଥିବା ଶାରଳା ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ମନୋଜ କୁମାର ପଣ୍ଡାଙ୍କ ନିମନ୍ତେ ସାମ୍ବାଦିକ ସଂଘର ସମ୍ମିଳନୀ କକ୍ଷରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଦୁଇ କରୋନା ଯୋଦ୍ଧା ଏବଂ ଗାଳ୍ପିକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ସାମ୍ବାଦିକମାନେ ନିଜ ଶ୍ରଦ୍ଧାଂଜଳି ଅର୍ପଣ ସହ ସାମ୍ବାଦିକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ ତୁରନ୍ତ ଘୋଷଣା କରନ୍ତୁ ବୋଲି ଦାବୀ କରିଥିଲେ । ସାମ୍ବାଦିକ କରୋନା ଯୋଦ୍ଧାଙ୍କ ମୃତ୍ୟୁବରଣ ପରେ ସେମାନଙ୍କ ପ୍ରତି ଉଚିତ ସମ୍ମାନ ଦିଆଯାଇ ନଥିବା ଯୋଗୁଁ ସମେବତ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଥିଲେ । କରୋନାରେ ମୃତ୍ୟୁବରଣ କରୁଥିବା ସାମ୍ବାଦିକ କରୋନା ଯୋଦ୍ଧାଙ୍କ ପରିବାରବର୍ଗଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ନିଜ ପକ୍ଷରୁ ଘୋଷଣା କରିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ କଥା ରକ୍ଷା କରିବା ଦିଗରେ କୌଣସି ମନ୍ତବ୍ୟ ବି ପ୍ରଦାନ କରି ନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସାମ୍ବାଦିକମାନେ ମତ ରଖିଥିଲେ । ସଂଘର ବରିଷ୍ଠ ସାମ୍ବାଦିକ ଉପଦେଷ୍ଟା ସତ୍ୟନାରାୟଣ ବେହେରା, ଗୋପବନ୍ଧୁ ଶତପଥୀ, ସଭାପତି ହରିନାରାୟଣ ପୂଜାରୀ, ଉପ ସଭାପତି ଆନଂଦ ଚଂଦ୍ର ସାହୁ, ସାଧାରଣ ସଂପାଦକ ବଳରାମ ମିଶ୍ର, ସୁଧୀର ମିଶ୍ର ମଂଚାସୀନ ଥିଲେ ।

ଅନ୍ୟମାନଙ୍କ ସହ ବରିଷ୍ଠ ସାମ୍ବାଦିକ ନବୀନ ପଶାୟତ, ସାଂଗଠାନିକ ସଂପାଦକ ଶରତ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନୀଲ ମହାନ୍ତି, ମୁକେଶ ବହିଦାର, ସଂଦୀପ କୁଅଁର, ଦୀପକ ପୁରୋହିତ, ଦେବାଶିଷ ମିଶ୍ର, ବିଷ୍ଣୁ ପ୍ରସାଦ କେଡ଼ିଆ, ପ୍ରଦୀପ୍ତ ମିଶ୍ର, ଶିଶିରକାନ୍ତ ଶତପଥୀ, ଶରତ କୁମାର ମହାକୁର, ଗୁପ୍ତେଶ୍ୱର ପୃଷ୍ଟି, ସଚ୍ଚିଦାନନ୍ଦ ବଗର୍ତ୍ତି, ମହେନ୍ଦ୍ର ପଧାନ, ଘଟେଶ୍ୱର ମିଶ୍ର, ବିଧାନ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଢାଖୋଲ ଡାକ୍ତରଖାନାରେ ଡାକ୍ତରଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ : ଖଣ୍ଡନ କଲେ ଡା. ପତି

ରେଢ଼ାଖୋଲ, (ସ୍ୱପ୍ର) : ରେଢ଼ାଖୋଲ ଡାକ୍ତରଖାନାରେ କାର୍ଯ୍ୟରତ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରାମକୃଷ୍ଣ ପତିଙ୍କ ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ତଥା ଭିତ୍ତିହୀନ ବୋଲି କହିଛନ୍ତି ନିଜେ ଡାକ୍ତର ପତି । ସେ ମତ ରଖିଛନ୍ତି ଯେ, ଗତ ୮ ତାରିଖରେ ରେଢ଼ାଖୋଲ ଭତରା ନିବାସୀ ରସାନନ୍ଦ ପ୍ରଧାନ(୨୬)ଙ୍କ ସ୍ତ୍ରୀ ମିଠାଇ ପ୍ରଧାନ ବୁର୍ଲା ଡାକ୍ତରଖାନାରେ (ପ୍ରବସ ତାରିଖର ୨ ମାସ ପୂର୍ବରୁ) ଏକ ଅପରିପକ୍ୱ ଶିଶୁପୁତ୍ରକୁ ଜନ୍ମ ଦେଇ ୯ ତାରିଖ ଦିନ ୧୨ ଘଣ୍ଟା ନ ପୂରୁଣୁ ଡିସ୍‌ଚାର୍ଜ ହୋଇଥିଲେ । ତେବେ ୧୧ ତାରିଖ ଦିନ ସଂପୃକ୍ତ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାକୁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଖାନାରେ ଶିଶୁପୁତ୍ରର ଚିକିତ୍ସା କରାଯିବା ସତ୍ତ୍ୱେ ସଂଧ୍ୟା ୭ଟା ସମୟରେ ତାର ମୃତ୍ୟୁ ଘଟିଥିଲା । ଏହାପରେ ୧୩ ତାରିଖ ଦିନ ମୃତ ଶିଶୁପୁତ୍ରର ବାପା ରସାନନ୍ଦ ଉପଖଣ୍ଡ ଚିକିତ୍ସା ଅଧିକାରୀ ରେଢ଼ାଖୋଲଙ୍କୁ ଉପଯୁକ୍ତ ଜରୁରୀ ଚିକିତ୍ସାରେ ଅବହେଳା ସହ କାର୍ଯ୍ୟରତ ଡାକ୍ତରଙ୍କ ଅବହେଳାରୁ ମୋର ଶିଶୁପୁତ୍ରର ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ତଥା ମିଥ୍ୟା ବୋଲି ମତ ରଖିଛନ୍ତି ଶିଶୁ ରୋଗ ବିଶେଷଜ୍ଞ ଡା.ପତି ।

ସୂଚନା ଅନୁସାରେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଏବେ ସମୁଦାୟ ୧୨ ଜଣ ଡାକ୍ତର କାର୍ଯ୍ୟରତ ଥିବା ବେଳେ ଏକାକୀ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରାମକୃଷ୍ଣ ପତି ରେଢ଼ାଖୋଲରେ ରୁହନ୍ତି । ଅନ୍ୟ ଡାକ୍ତରମାନେ ଏଠାରେ ରୁହନ୍ତି ନାହିଁ । ଏପରିକି ଉପଖଣ୍ଡ ଚିକିତ୍ସା ଅଧିକାରୀ ମଧ୍ୟ ସୋନପୁରରୁ ଯିବା ଆସିବା କରନ୍ତି । ଜଣେ ନିଷ୍ଠାପର ଚିକିତ୍ସକ ଭାବରେ ଡାକ୍ତର ପତିଙ୍କ ସେହି ଅଂଚଳରେ ବେଶ୍ ସୁନାମ ରହିଛି । ଡା.ପତିଙ୍କ ବିରୁଦ୍ଧରେ ଅଣା ଯାଇଥିବା ଅଭିଯୋଗକୁ ଅଂଚଳବାସୀ ମଧ୍ୟ ନାପସନ୍ଦ କରିଥିବା ଖବରରେ କୁହାଯାଇଛି ।

ଅନ୍ୟପକ୍ଷରେ ଅପରିପକ୍ୱ ଅବସ୍ଥାରେ ଜନ୍ମିତ ଶିଶୁକୁ ୧୨ ଘଣ୍ଟା ନ ପୂରୁଣୁ ବୁର୍ଲା ଡାକ୍ତରଖାନାରୁ କେମିତି ଓ କାହିଁକି ଡିସ୍‌ଚାର୍ଜ କରାଗଲା, ତାହା ଅନୁସଂଧାନ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ପିପିଇ କିଟ୍ ଯାଂଚ ଏବଂ ପ୍ରମାଣପତ୍ର ପ୍ରଦାନ ପାଇଁ ଏନ୍‌ଏବିଏଲ୍ ପକ୍ଷରୁ ସିପେଟ୍‌କୁ ମିଳିଲା କ୍ଷମତା

**ଉପଲବ୍ଧି ପାଇଁ ସିପେଟ୍‌କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା**

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନସ୍ଥ ଏକ ଅଗ୍ରଣୀ ସଂସ୍ଥା କେନ୍ଦ୍ରୀୟ ପେଟ୍ରୋ ରାସାୟନିକ ଇଂଜିନିୟରିଂ ଏବଂ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ (ସିପେଟ)କୁ ପିପିଇ କିଟ୍ର ଯାଂଚ ଏବଂ ପ୍ରମାଣପତ୍ର ଜାରି କରିବା ନିମନ୍ତେ ରାଷ୍ଟ୍ରୀୟ ପରୀକ୍ଷଣ ଏବଂ ଯାଂଚ ପରୀକ୍ଷାଗାର ବୋର୍ଡ଼ (ଏନ୍‌ଏବିଏଲ୍) ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଛି । ପିପିଇ କିଟ୍‌ରେ ଆସୁଥିବା ଗ୍ଲୋଭ୍ସ, କଭର୍ ଅଲ୍, ଫେସ୍ ସିଲ୍ଡ ଏବଂ ଚଷମା ତଥା ଆନ୍ତର୍ଜାତିକ ମାନକ ଅନୁରୂପ ତ୍ରିସ୍ତରୀୟ ମେଡ଼ିକାଲ ମାସ୍କ ଆଦି ସାମିଲ୍ କରାଯାଇଛି । କୋଭିଡ଼୍-୧୯ ମହାମାରୀ ବିରୁଦ୍ଧରେ ସଂଗ୍ରାମ ତଥା ଆତ୍ମନିର୍ଭର ଭାରତ ଦିଗରେ ସିପେଟର ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ।

ପିପିଇ କିଟ୍ ଯାଂଚ କରିବାର ସୁବିଧା ବିକଶିତ କରିବା ପରେ ଏହାକୁ ମାନ୍ୟତା ପ୍ରଦାନ କରିବା ପାଇଁ ଭୁବନେଶ୍ୱର ଆଇପିଇଟି କେନ୍ଦ୍ର ଏନ୍‌ଏଏସ୍‌ଏଲ୍‌କୁ ଆବେଦନ କରିଥିଲା, ଯାହାକୁ ମଂଜୁର କରାଯାଇଛି । କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି.ସଦାନନ୍ଦ ଗୌଡ଼ା ସିପେଟ ଭୁବନେଶ୍ୱରକୁ ଏହି ଉପଲବ୍ଧି ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି । ଦେଶ ସେବା ସହିତ ମେକ୍ ଇନ୍ ଇଣ୍ଡିଆ ଉପରେ ଜୋର୍ ଦେଇ ଏମ୍‌ଏସ୍‌ଏମ୍‌ଇକୁ ସାହାଯ୍ୟ କରିବା ନିମନ୍ତେ ଗତିବିଧି ତ୍ୱରାନ୍ୱିତ କରିବା ପାଇଁ ନିବେଦନ କରିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ / ଆଇଏସ୍‌ଓର ମାର୍ଗଦର୍ଶିକା ଅନୁଯାୟୀ ସିପେଟ ପକ୍ଷରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗବେଷଣା ଓ ବିକାଶ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । କୋଭିଡ଼୍ ମହାମାରୀ ସମୟରେ ସିପେଟ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ସହଯୋଗ କରିବା ପାଇଁ ଖାଦ୍ୟଶସ୍ୟ ତଥା ସାର ପ୍ୟାକେଜିଂ ଯାଂଚ କରିବା ପାଇଁ ମଧ୍ୟ ନିଜ କ୍ଷମତାର ସଂପ୍ରସାରଣ କରିଛି ।

# ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସବୁ ପ୍ରବାସୀ ହିତାଧିକାରୀଙ୍କୁ ଏକ ଦେଶ ଏକ ରେସନ କାର୍ଡ଼ରେ ଦିଆଯାଉଛି ରିହାତି ଖାଦ୍ୟଶସ୍ୟ

* ଅବଶିଷ୍ଟ ରାଜ୍ୟ ଓ କେନ୍ଦ୍ରାଂଚଳକୁ ୨୦୨୧ ମାର୍ଚ୍ଚ ସୁଦ୍ଧା ଏହି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯିବ ।

* ଜମ୍ମୁ ଓ କାଶ୍ମୀର, ମଣିପୁର, ନାଗାଲାଣ୍ଡ ଓ ଉତ୍ତରାଖଣ୍ଡରେ ଏହି ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ ଆରମ୍ଭ ହୋଇଛି, ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ।

* ପ୍ରବାସୀ ଖାଦ୍ୟ ସୁରକ୍ଷା ହିତାଧିକାରୀ ଦେଶର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ କ୍ରୟ କରିପାରିବେ ଖାଦ୍ୟଶସ୍ୟ ।

* ରେସନ କାର୍ଡ଼କୁ ଆଧାର ସହ ସଂଯୁକ୍ତ କରାଯାଇ ଟେକ୍‌ନୋଲୋଜି ପ୍ରୟୋଗ ଭିତ୍ତିକ ସଂସ୍କାର ପ୍ରକ୍ରିୟା ହେଉଛି କାର୍ଯ୍ୟକାରୀ ।

ନୂଆଦିଲ୍ଲୀ, (ପିଆଇବି) : ଗୋଟିଏ ରାଷ୍ଟ୍ର- ଗୋଟିଏ ରେସନ କାର୍ଡ ସୁବିଧା ୨୦୧୯ ଅଗଷ୍ଟରେ ଦେଶର ୪ଟି ରାଜ୍ୟରେ ଆରମ୍ଭ ହୋଇଥିଲା । ଏଥିପାଇଁ ଏହିସବୁ ରାଜ୍ୟର ପାରସ୍ପରିକ ପ୍ରବାସୀମାନେ ରେସନ କାର୍ଡ଼ ପୋର୍ଟେବିଲିଟି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିଲେ । ଏହାର ଅର୍ଥ ଏହିସବୁ ରାଜ୍ୟରେ ରହୁଥିବା ପ୍ରବାସୀମାନେ ସେମାନଙ୍କୁ ମୂଳ ରାଜ୍ୟର କାର୍ଡ଼ରେ ରେସନ ସାମଗ୍ରୀ ଉଠାଇ ପାରୁଥିଲେ । ସେବେଠାରୁ ମୋଟ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏହି ବ୍ୟବସ୍ଥା ୨୦୨୦ ଜୁନ୍‌ଠାରୁ କାର୍ଯ୍ୟକାରୀ ହୋଇଛି । ଏହାଫଳରେ ଏସବୁ ରାଜ୍ୟର ସମଗ୍ର ପଡ଼ିକାର୍ଡ଼ ବ୍ୟବସ୍ଥା ଏକୀକୃତ ହେବା ସହିତ ଯିଏ ଯେଉଁ ରାଜ୍ୟର ହେଉନା କାହିଁକି ସେ ଯଦି ଅନ୍ୟ ରାଜ୍ୟରେ ରହୁଛି ତାକୁ ସେହି ରାଜ୍ୟରେ ରେସନ ଉଠାଇବାର ସୁବିଧା ମିଳୁଛି । ବର୍ତ୍ତମାନ ସୁଦ୍ଧା ଆନ୍ଧ୍ରପ୍ରଦେଶ, ହରିଆନା, କର୍ଣ୍ଣାଟକ, ମହାରାଷ୍ଟ୍ର, ଓଡ଼ିଶା, ସିକ୍କିମ, ମିଜୋରାମ, ତେଲଙ୍ଗାନା, କେରଳ, ପଂଜାବ, ତ୍ରିପୁରା, ବିହାର, ଗୋଆ, ହିମାଚଳପ୍ରଦେଶ, ଦାଦ୍ରା ଓ ନଗର ହାବେଳି ଏବଂ ଡାମନ ଓ ଡିଉ, ଗୁଜରାଟ, ଉତ୍ତରପ୍ରଦେଶ, ଝାରଖଣ୍ଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଏହି ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଚାଲିଛି । ଖୁବ୍‌ଶୀଘ୍ର ଏହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଜାତୀୟ ପୋର୍ଟେବିଲିଟି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇ ଏକ ଦେଶ-ଏକ ରେସନ କାର୍ଡ଼ ବ୍ୟବସ୍ଥାରେ ସାମିଲ୍ ହେବେ । ଏହା ବ୍ୟତୀତ ଆନ୍ତରାଜ୍ୟ କାରବାର ଏବଂ ସେଗୁଡ଼ିକର ତଦାରଖ ପାଇଁ ଆବଶ୍ୟକ ପଡୁଥିବା ଓ୍ୱେବସେବା ଓ ଡ୍ୟାସବୋର୍ଡ଼କୁ ସକ୍ରିୟ କରାଯାଇଛି । ବାକିସବୁ ଯେଉଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ରହିଲେ ସେଗୁଡ଼ିକୁ ଏକ ରାଷ୍ଟ୍ର ଓ ଗୋଟିଏ ରେସନ କାର୍ଡ଼ ବ୍ୟବସ୍ଥାରେ ୨୦୨୧ ମାର୍ଚ୍ଚ ସୁଦ୍ଧା ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି ।

ଗୋଟିଏ ଦେଶ-ଗୋଟିଏ ରେସନ କାର୍ଡ଼ ସୁବିଧା ବ୍ୟବସ୍ଥା କେନ୍ଦ୍ର ଖାଦ୍ୟ ଓ ଯୋଗାଣ ବିଭାଗର ଏକ ମହତ୍‌କାଂକ୍ଷୀ କାର୍ଯ୍ୟକ୍ରମ । ଯେଉଁମାନେ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ର ଅନ୍ତର୍ଭୁକ୍ତ ହୋଇଛନ୍ତି, ସେହି ହିତାଧିକାରୀମାନଙ୍କୁ ନିଜ ରାଜ୍ୟ କିମ୍ବା ସେ କାର୍ଯ୍ୟ କରୁଥିବା ରାଜ୍ୟରେ ରେସନ କାର୍ଡ଼ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ପାଇଁ ଏକ ଦେଶବ୍ୟାପୀ ରେସନ୍ କାର୍ଡ଼ ପୋର୍ଟେବିଲିଟି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ସବୁ ରାଜ୍ୟଙ୍କ ସହାୟତାରେ ଏହି କେନ୍ଦ୍ରୀୟ ଯୋଜନାଟି ସମନ୍ୱିତ ସାଧାରଣ ବଂଟନ ବ୍ୟବସ୍ଥା ପରିଚାଳନା ବା ଆଇଏମ୍-ପିଡ଼ିଏସ୍ ନାମରେ ପରିଚିତ ।

ଏହି ବ୍ୟବସ୍ଥାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ହିତାଧିକାରୀ, ବିଶେଷ କରି ଶ୍ରମିକବର୍ଗ, ଯେଉଁମାନେ ସାମୟିକ ରୋଜଗାର ଆଶାରେ ବିଭିନ୍ନ ରାଜ୍ୟ ଭ୍ରମଣ କରନ୍ତି ସେମାନେ ଏବେ ଦେଶର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ ନିଜର ଖାଦ୍ୟଶସ୍ୟ କୋଟା ଉଠାଇ ପାରିବେ । ଏଥିପାଇଁ ତାଙ୍କର ନିଜ ରାଜ୍ୟର ରେସନ କାର୍ଡ଼ ବଦଳିବାର ଆବଶ୍ୟକତା ନାହିଁ । ସେ ବାୟାମେଟ୍ରିକ-ଆଧାର ଭିତ୍ତିକ ଅଥେନ୍‌ଟିକେସନ ଜରିଆରେ ନିଜ କାର୍ଡ଼ରେ ଖାଦ୍ୟ କୋଟା ଉଠାଇ ପାରିବେ । ପ୍ରତ୍ୟେକ ସୁଲଭ ମୂଲ୍ୟ ଦୋକାନରେ ବସାଯାଇଥିବା ଇପିଓଏସ୍ ମେସିନରେ ସେ ନିଜ ବାୟୋମେଟ୍ରିକ୍ସ ବ୍ୟବହାର କରି ଏହି ସୁବିଧା ପାଇପାରିବେ ।

ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ଆଧାର / ବାୟୋମେଟ୍ରିକ୍ସ ଅଥେନ୍‌ଟିକେସନ୍ ବିଶେଷ ସହାୟକ ହେଉଛି । କାର୍ଡ଼ଗୁଡ଼ିକ ଆଧାର ଓ ବାୟୋମେଟ୍ରିକ୍ସ ସହିତ ସିଡ଼ିଂ ହୋଇଥିବାରୁ ପ୍ରକୃତରେ ହିତାଧିକାରୀ କିଏ ତାହା ଇପିଓଏସ୍ ମେସିନ୍‌ରେ ଧରା ପଡ଼ିଯାଉଛି । ତେଣୁ ନିଜ ନିଜର କୋଟା ଉଠାଇବାରେ କୌଣସି ଅସୁବିଧା ହେଉନାହିଁ । ହିତାଧିକାରୀ କେବଳ ନିଜର କାର୍ଡ଼ ନମ୍ବର କିମ୍ବା ଆଧାର ନମ୍ବର କହିଲେ ଦେଶବ୍ୟାପୀ ଯେକୌଣସି କଂଟ୍ରୋଲ ଦୋକାନରେ ତାଙ୍କର ସବିଶେଷ ତଥ୍ୟ ମିଳିଯାଉଛି । ଏଥିରେ ଆଉ ଗୋଟିଏ ସୁବିଧା ହେଉଛି ଯେ ହିତାଧିକାରୀ ନିଜର ରେସନ କାର୍ଡ଼ କିମ୍ବା ଆଧାର କାର୍ଡ଼ ମନେ ରଖିଥିଲେ ତାଙ୍କୁ ତାଙ୍କ ନିଜର ରେସନ କାର୍ଡ଼ ସାଂଗରେ ନେବା ଦରକାର ନାହିଁ । କୌଣସି ଗୋଟିଏ ନମ୍ବର କହି ମେସିନ୍‌ରେ ନିଜର ଆଙ୍ଗୁଳି ଛାପ ଦେବା ମାତ୍ରେ ତାଙ୍କ କାର୍ଡ଼ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହୋଇ ପାରୁଛି ।

କବି ଆନଂଦ ଚଂଦ୍ର ସାହୁଙ୍କର୍
କବିତା ଶୁନ୍‌ବାର୍ ଲାଗି
YouTube ଥି ସର୍ଚ୍ଚ କରୁନ୍
kabyagumpha
Pl. Subscribe, Share, Like and Comment.

# ପ୍ରଥମ ଥର ପାଇଁ ଭାରତର ମୃତ୍ୟୁହାର ୨.୫ ପ୍ରତିଶତରୁ କମ୍

**ଜାତୀୟ ମୃତ୍ୟୁ ହାରଠାରୁ କମ୍‌ରେ ରହିଛନ୍ତି ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ**

ନୂଆଦିଲ୍ଲୀ, (ପିଆଇବି) : ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଥିବା ମାମଲାଗୁଡ଼ିକର ଚିକିତ୍ସା ପରିଚାଳନା ଉପରେ କେନ୍ଦ୍ର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କ ପ୍ରୟାସ ଦ୍ୱାରା ଭାରତର ମୃତ୍ୟୁ ହାର ୨.୫ ପ୍ରତିଶତ ତଳକୁ ଖସିଛି । ପ୍ରଭାବଶାଳୀ ଆବଦ୍ଧାଂଚଳ ରଣନୀତି, ପରୀକ୍ଷଣ ଏବଂ ରୋଗୀଙ୍କ ଚିକିତ୍ସାର ମାନ ଉପରେ ଆଧାରିତ ଚିକିତ୍ସା ପରିଚାଳନାର ନିୟମାବଳୀ ଯୋଗୁଁ ମୃତ୍ୟୁ ହାର ଯଥେଷ୍ଟ ହ୍ରାସ ପାଇଛି । ମୃତ୍ୟୁ ହାର ଧୀରେ ଧୀରେ ହ୍ରାସ ପାଇ ବର୍ତ୍ତମାନ ୨.୪୯ ପ୍ରତିଶତରେ ପହଂଚିଛି ଯାହା ଭାରତରେ ସର୍ବନିମ୍ନ ।

କେନ୍ଦ୍ର ମାର୍ଗଦର୍ଶନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ପ୍ରୟାସକୁ ମିଶାଇ ପରୀକ୍ଷା ଏବଂ ଡାକ୍ତରଖାନାର ଭିତ୍ତିଭୂମି ବୃଦ୍ଧି କରିଛନ୍ତି । ବୃଦ୍ଧ, ଗର୍ଭବତୀ ମହିଳା ଏବଂ ସହ ଅସୁସ୍ଥତା ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଅନେକ ରାଜ୍ୟ ଜନସଂଖ୍ୟା ସର୍ଭେ କରିଛନ୍ତି । ମୋବାଇଲ ଆପ୍ ପରି ବୈଷୟିକ ସମାଧାନ ବିପଦପୂର୍ଣ୍ଣ ଜନସଂଖ୍ୟାକୁ ନିରନ୍ତର ନିରୀକ୍ଷଣରେ ରଖିବା ସୁନିଶ୍ଚିତ କରିଛି, ଯାହାଦ୍ୱାରା ଶୀଘ୍ର ଚିହ୍ନଟ, ସମୟୋଚିତ ଡାକ୍ତରୀ ଚିକିତ୍ସା ଏବଂ ମୃତ୍ୟୁହାର ହ୍ରାସକୁ ସୁନିଶ୍ଚିତ କରାଇ ପାରିଛି । ତୃଣମୂଳ ସ୍ତରରେ, ଆଶା ଏବଂ ଏଏନ୍‌ଏମ୍ ପରି ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀମାନେ ପ୍ରବାସୀ ଜନସଂଖ୍ୟାକୁ ପରିଚାଳନା କରିବା ଏବଂ ଗୋଷ୍ଠୀ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ଫଳସ୍ୱରୂପ, ଜାତୀୟ ମୃତ୍ୟୁ ହାରଠାରୁ ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ କମରେ ରହିଛନ୍ତି । ୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଶୂନ୍ ମୃତ୍ୟୁହାର ସଂଖ୍ୟାରେ ରହିଛନ୍ତି । ୧୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ୧ ପ୍ରତିଶତରୁ କମ ମୃତ୍ୟୁ ହାର ରହିଛି ଯାହା ଦେଶର ପ୍ରଶଂସନୀୟ ଜନସ୍ୱାସ୍ଥ୍ୟ ଜନିତ ପଦକ୍ଷେପ ଯୋଗୁଁ ସମ୍ଭବ ହୋଇଛି ।

# ଇସିଓଏସଓସିର ଉଚ୍ଚସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ଉଦଘାଟନୀ ଅଭିଭାଷଣ



- ମିଳିତ ଜାତିସଂଘକୁ କେନ୍ଦ୍ରରେ ରଖି ଏଥିରେ ସଂସ୍କାର ସହ ବହୁପକ୍ଷବାଦ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
- ଆମର 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ସଂକଳ୍ପ ସାମଗ୍ରିକ ବିକାଶ ଲାଗି ଏସଡିଜିର ମୂଳ ନୀତିକୁ ପ୍ରତିଫଳିତ କରୁଛି : ପ୍ରଧାନମନ୍ତ୍ରୀ
- ବିକାଶ ଦିଗରେ ଅଗ୍ରସର ହେବା ସମୟରେ, ପୃଥବୀ ପ୍ରତି ରହିଥିବା ଆମର ଦାୟିତ୍ୱକୁ ଆମେ ଭୁଲିଯିବା ଅନୁଚିତ : ପ୍ରଧାନମନ୍ତ୍ରୀ
- ତୃଣମୂଳସ୍ତରରେ ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗୁ କୋଭିଡ ମୁକାବିଲାରେ ଭାରତ ବିଶ୍ୱର ଶ୍ରେଷ୍ଠ ଆରୋଗ୍ୟ ହାର ହାସଲ କରିପାରିଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର, ୧୭ ଜୁଲାଇ, ୨୦୨୦ରେ ନ୍ୟୁୟର୍କସ୍ଥିତ ମିଳିତ ଜାତିସଂଘ ଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ଅର୍ଥନୈତିକ ଏବଂ ସାମାଜିକ ପରିଷଦ (ଇସିଓଏସଓସି)ର ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ ଅଧିବେଶନରେ ଉଦଘାଟନୀ ବକ୍ତବ୍ୟ ଦେଇଛନ୍ତି ।

ଗତ ୧୭ ଜୁନରେ ୨୦୨୧-୨୨ ଅବଧି ଲାଗି ଭାରତ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅ-ସ୍ଥାୟୀ ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ବହୁସଂଖ୍ୟକ ମିଳିତ ଜାତିସଂଘ ସଦସ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ଉଦବୋଧନ ଦେଇଛନ୍ତି ।

ଚଳିତ ବର୍ଷ ଇସିଓଏସଓସିର ଉଚ୍ଚସ୍ତରୀୟ ଅଧିବେଶନର ବିଷୟବସ୍ତୁ ରଖାଯାଇଛି, "କୋଭିଡ-୧୯ ପରେ ବହୁପକ୍ଷବାଦ : ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆମକୁ କିଭଳି ମିଳିତ ଜାତିସଂଘର ଆବଶ୍ୟକତା ରହିଛି" ।

ମିଳିତ ଜାତିସଂଘ ପ୍ରତିଷ୍ଠାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ, ଏହି ବିଷୟବସ୍ତୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ପରବର୍ତ୍ତୀ ସଦସ୍ୟତା ଲାଗି ଭାରତର ପ୍ରାଥମିକତାକୁ ପ୍ରତି'ଳିତ କରୁଛି । କୋଭିଡ-୧୯ ପରବର୍ତ୍ତୀ ବିଶ୍ୱରେ 'ସଂସ୍କାରିତ ବହୁପକ୍ଷବାଦ' ପାଇଁ ଭାରତର ଆହ୍ୱାନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ, ଯାହାକି ସମସାମୟିକ ବିଶ୍ୱର ବାସ୍ତବତାକୁ ପ୍ରତିଫଳିତ କରୁଥିବ ।

ନିଜର ଉଦବୋଧନରେ ପ୍ରଧାନମନ୍ତ୍ରୀ ଇସିଓଏସଓସି, ମିଳିତ ଜାତିସଂଘର ବିକାଶମୂଳକ କାର୍ଯ୍ୟ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ରେ ଭାରତର ଦୀର୍ଘ ସହଭାଗିତା ବିଷୟରେ ଉଲ୍ଲେଖ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ପାଇଁ ଭାରତର ସଂକଳ୍ପ ସାମଗ୍ରିକ ବିକାଶ ନିମନ୍ତେ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ।

ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ଭାରତ ନିଜର ବିପୁଳ ଜନସଂଖ୍ୟାର ସାମାଜିକ-ଅର୍ଥନୈତିକ ସୂଚକାଙ୍କରେ ସୁଧାର ଆଣିବାରେ ସ'ଳତା ହାସଲ କରିଛି ଯାହା ଏସଡିଜିର ବୈଶ୍ୱିକ ଲକ୍ଷ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ଏସଡିଜି ଲକ୍ଷ୍ୟ ହାସଲ ଲାଗି ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ଲାଗି ଭାରତର ପ୍ରତିବଦ୍ଧତା ପ୍ରଧାନମନ୍ତ୍ରୀ ଦୋହରାଇଥିଲେ ।


ସ୍ୱଚ୍ଛତାରେ ସୁଧାର ଆଣିବା ଲାଗି 'ସ୍ୱଚ୍ଛ ଭାରତ ଅଭିଯାନ', ମହିଳା ସଶକ୍ତିକରଣ, ଆର୍ଥିକ ସମାବେଶୀକରଣ, ଏବଂ "ସମସ୍ତଙ୍କ ପାଇଁ ଆବାସ" ଓ "ଆୟୁଷ୍ମାନ ଭାରତ" ଭଳି ପ୍ରମୁଖ ଯୋଜନା ଜରିଆରେ ଆବାସ ନିର୍ମାଣ ଓ ସ୍ୱାସ୍ଥ୍ୟସେବା ସୁଧାର ନିମନ୍ତେ ଭାରତ ପଦକ୍ଷେପ ଗ୍ରହଣ କରିବା ଜାରି ରଖିଛି ବୋଲି ସେ କହିଥିଲେ ।

ପରିବେଶ ସ୍ଥିରତା ଓ ଜୈବ ବିବିଧତାର ସଂରକ୍ଷଣ ଉପରେ ଭାରତ ଜୋର ଦେଉଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହିତ ଅନ୍ତର୍ଜାତୀୟ ସୌର ମେଂଟ ଏବଂ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଂଟ ଗଠନରେ ଭାରତର ଅଗ୍ରଣୀ ଭୂମିକା ବିଷୟରେ କହିଥିଲେ ।

କ୍ଷେତ୍ରୀୟ ସ୍ତରରେ ଭାରତ ସବୁବେଳେ ଅଗ୍ରଣୀ ଭୂମିକା ନିର୍ବାହ କରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଭାରତ ସରକାର ଏବଂ ବିଭିନ୍ନ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଅନ୍ୟ ଦେଶଗୁଡ଼ିକୁ ଔଷଧ ଯୋଗାଣ ସୁନିଶ୍ଚିତ କରିଛନ୍ତି । ସାର୍କ ଦେଶଗୁଡ଼ିକ ମଧ୍ୟରେ ଏକ ମିଳିତ ମୁକାବିଲା ରଣନୀତି ପ୍ରତିଷ୍ଠା କ୍ଷେତ୍ରରେ ଭାରତ ସମନ୍ୱୟ ରକ୍ଷା କରିଛି । ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଇସିଓଏସଓସିରେ ଉଦବୋଧନ ଦେଇଛନ୍ତି । ଏଥିପୂର୍ବରୁ ୨୦୧୬ ଜାନୁଆରୀ ମାସରେ ଇସିଓଏସଓସିର ୭୦ ବର୍ଷ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ଉଦଘାଟନୀ ଅଭିଭାଷଣ ରଖିଥିଲେ ।

# ଗ୍ଲୋୱୋ ପକ୍ଷରୁ ପଶ୍ଚିମ ଓଡିଶାରେ କୃଷି ଉଦ୍ୟୋଗର ଅଭିବୃଦ୍ଧି ଶୀର୍ଷକ ୱେବିନାର

## 'ଇଚ୍ଛାଶକ୍ତି ଓ ମିଳିତ ପ୍ରୟାସ ହେଲେ କୃଷି ଉଦ୍ୟୋଗର ବିକାଶ ହୋଇପାରିବ'



ବଲାଙ୍ଗିର, (ନିପ୍ର) : ବିଶ୍ୱର ବିଭିନ୍ନପ୍ରାନ୍ତରେ ରହୁଥିବା ପଶ୍ଚିମଓଡିଶାବାସୀଙ୍କ ଦ୍ୱାରା ଗଠିତ 'ଗ୍ଲୋବାଲ ୱେଷ୍ଟର୍ଣ୍ଣ ଓଡିଶା (ଗ୍ଲୋୱୋ)'ଫୋରମ ପକ୍ଷରୁ ଆଜି ପଶ୍ଚିମ ଓଡିଶାରେ କୃଷି ଉଦ୍ୟୋଗର ବିକାଶ ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇଣ୍ଡିଆ ଇକ୍ରିସାଟର କଣ୍ଟ୍ରି ଡାଇରେକ୍ଟର ଆଇଏଏସ ଡ. ଅରବିନ୍ଦ କୁମାର ପାଢୀ, କେନ୍ଦ୍ର ପଞ୍ଚାୟତିରାଜ ବିଭାଗର ଯୁଗ୍ମନିର୍ଦ୍ଦେଶକ ଏଡିଜି ଡ. ସଂଜୀବ ପାଟଯୋଷୀ (ଆଇପିଏସ), ଓଡିଶା ଲିଭଲିହୁଡ୍ ମିସନର ଆଡିସନାଲ ସିଇଓ(ଅପରେସନ) ଡ.ବବିତା ମହାପାତ୍ର ଓ ମହିନ୍ଦ୍ରା ଏଚଜେଡପିସି ପ୍ରା.ଲି.ର ନେସନାଲ ସେଲ୍ସ ମେନେଜର ଦିବ୍ୟେନ୍ଦୁ କୁମାର ପଧାନ ଯୋଗ ଦେଇଥିଲେ । ଏହି ଆଲୋଚନାଚକ୍ରରେ ପଶ୍ଚିମ ଓଡିଶାରେ କୃଷିଉଦ୍ୟୋଗ ବିକାଶର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଏଥିପାଇଁ ମିଳିତ ପ୍ରୟାସ ଓ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ଆଇଏଏସ ଅରବିନ୍ଦ ପାଢୀ ମତ ଦେଇଥିଲେ । ସେ ଏହି ଅବସରରେ ପଶ୍ଚିମଓଡିଶାର ପଦ୍ମପୁର ସାରସମାଲ ଗାଁର ବିଶିଷ୍ଟ ଚାଷୀ ଅଶୋକ ପଧାନ, ବଲାଙ୍ଗିର ଆଗଲପୁର ଧଅଁରାଦାଦର ଗାଁର ଯୋଗେସ୍ୱର ପଧାନ, କୁଚିଣ୍ଡାର ସେଓ ଚାଷୀଙ୍କ ସଫଳତାର ଉଦାହରଣ ଦେଇଥିଲେ । ସେ ପାରମ୍ପରିକ ଧାନଚାଷ ଅପେକ୍ଷା ପରିବେଶକୁ ସୁହାଉଥିବା ତଥା ମାର୍କେଟ ସୁବିଧା ଥିବା ଚାଷ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଏହାସହିତ ଏବେ ଆଦିବାସୀଙ୍କ ମାଣ୍ଡିଆକୁ ନେଇ ବାହାରେ ଭଲ ମାର୍କେଟିଂ ଚାଲିଥିବା ସେ କହିଥିଲେ । ଡ. ସଂଜୀବ ପାଟଯୋଷୀ ତାଙ୍କ ଆଲୋଚନାରେ ମହୁଲରୁ କେବଳ ମଦ ନ ତିଆରି ସେଥିରୁ ପ୍ରସ୍ତୁତ ଆଲକୋହଲରୁ ସେନିଟାଇଜର ତିଆରି କରି ସାଧାରଣ ଲୋକେ ମଧ ବିକ୍ରି କରି ପାରିବେ ବୋଲି କହିଥିଲେ । ଏନଆରଇଜିଏ ଯୋଜନାରେ କୃଷକମାନେ ତାଙ୍କର ଜମିର ଉନ୍ନତିକରଣ, ଜଳସେଚନ ପାଇଁ ପୋଖରୀ ଖନନ ଇତ୍ୟାଦି କରି ନିଜର କୃଷିର ବିକାଶ କରାଇପାରିବେ ବୋଲି ମତ ରଖିଥିଲେ । ସେହିପରି ସେନିଟାରୀ ନାପକିନ, ସମ୍ବଲପୁରୀ ମାସ୍କ ତିଆରି କରି ମହିଳାମାନେ ଆତ୍ମନିର୍ଭର ହୋଇପାରିବେ । କରେଲା, ଆମ୍ବ ଆଚାର, ମୁଢିପ୍ୟାକିଂ, ଚୁଡାପ୍ୟାକିଂ, ବଡିପ୍ୟାକିଂ କରି ବାହାରକୁ ପଠାଇ ପାରିବେ । ଠିକ ସେହିପରି ମୃତ୍ତିକାପରୀକ୍ଷା ଏଜେନ୍ସି, ଡିଜିଟାଲସର୍ଭିସ ସେଣ୍ଟର ଖୋଲି ଯୁବକମାନେ ଆୟ କରିପାରିବେ ବୋଲି ଡ. ପାଟଯୋଷୀ କହିଥିଲେ । ଡ. ବବିତା ମହାପାତ୍ର ତାଙ୍କ ଆଲୋଚନାରେ ସିଡ୍ସପ୍ରଡକ୍ସନ, ନର୍ସରୀ ସୃଷ୍ଟି, ବାଇଓ ଫର୍ଟିଲାଇଜର, ଡ୍ରାଇଫୁଡ ପ୍ରୋସେସିଂ, ନ୍ୟୁଟ୍ରିସନ ଗାର୍ଡେନ କରି ଲୋକମାନେ ଫାଇଦା ନେଇ ପାରିବେ ବୋଲି କହିଥିଲେ । ଦିବ୍ୟେନ୍ଦୁ ପଧାନ ତାଙ୍କ ବକ୍ତବ୍ୟରେ ଆଲୁମିସନ ଜରିଆରେ ପଶ୍ଚିମ ଓଡିଶାରେ ବହୁତ କିଛି କରିପାରିବ ବୋଲି କହିଥିଲେ । ଓଡିଶାରେ ଆଳୁର ବହୁତ ଚାହିଦା ରହିଛି । ଉନ୍ନତମାନର ଆଳୁଚାଷ କରାଯାଇ ତାହାକୁ ଦୁଇମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇ ଲୋକଙ୍କୁ ସ୍ୱାବଲମ୍ବୀ କରାଯାଇ ପାରିବ ।

ଏହି ୱେବିନାରକୁ ସିଦ୍ଧାର୍ଥ ବାବୁ ଓ ଆଶୁତୋଷ ଦାସ ପରିଚାଳନା କରିଥିବା ବେଳେ ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀ, ସାମ୍ବାଦିକ, ଯୁବ ଉଦ୍ୟୋଗୀ, ପ୍ରବାସୀ ଓଡିଆମାନେ ଯୋଗ ଦେଇଥିଲେ ।

# ଓଏଭି ପଥରଚେପାର ଛାତ୍ରୀ ସଂସ୍କୃତି ଖମାରୀ ଆଦର୍ଶ ବିଦ୍ୟାଳୟ ସଂଗଠନରେ ସାରା ରାଜ୍ୟରେ ପ୍ରଥମ



ବଲାଙ୍ଗିର, (ନିପ୍ର) : ସିବିଏସ୍ଇ ବୋର୍ଡ ଦଶମ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପଥରଚେପା ର ଛାତ୍ରୀ ସଂସ୍କୃତି ଖମାରୀ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ମଧ୍ୟରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁଚନା ମିଳିଛି । ସୁଚନା ଅନୁଯାୟୀ, ସଂସ୍କୃତି ବର୍ଷ ତମାମ ସ୍କୁଲ, ଟିଉସନକୁ ଛାଡି ଦିନକୁ ପ୍ରୟା ୮ଘଣ୍ଟା ନିଜେ ପରିଶ୍ରମ କରିଥିବା ବେଳେ ମାତୃଭାଷାରେ ୧୦୦ ରୁ ୯୯ ମାର୍କ ରଖିଛନ୍ତି । ଗଣିତରେ ଏବଂ ଏସ୍ଏସ୍ଟିରେ ୧୦୦ରୁ ୧୦୦, ବିଜ୍ଞାନ ୧୦୦ ରୁ ୯୮, ଇଂରାଜୀ ୧୦୦ ରୁ ୯୭ ମାର୍କ ରଖି ସ୍କୁଲ, ପରିବାର ତଥା ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ସମୁଦାୟ ୫୦୦ ମାର୍କ ରୁ ସେ ୪୯୪ (୯୮.୮୦%) ରଖିବାରେ ସଫଳ ହୋଇଛନ୍ତି । ଭବିଷ୍ୟତରେ ଚିକିତ୍ସା ବିଜ୍ଞାନରେ ଜଣେ ପ୍ରଫେସର ହେବା ଏବଂ ସମାଜକୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଧିକ ସଚେତନ କରାଇବା ଲକ୍ଷ୍ୟ ରଖିଥିବା ସଂସ୍କୃତି କହିଛନ୍ତି । ତାଙ୍କ ସଫଳତା ପାଇଁ ବିଶେଷତଃ ବାପା ବଳରାମ ଖମାରୀ, ମା ସ୍ୱରୁପାରାଣୀ ଠାକୁର, ଭାଇ ସ୍ୱୟଂ ସମ୍ପନ୍ନ ଖମାରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ତେବେ ସାରା ସହରର ଅଭିଭାବକ, ବୁଦ୍ଧିଜୀବୀ ତଥା ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ରାସ୍ତା ପ୍ରଶାସ୍ତିକରଣ ବିରୁଦ୍ଧରେ ଅଂଚଳବାସୀଙ୍କ ଧାରଣା



ବଲାଙ୍ଗିର, (ନିପ୍ର) : ସମ୍ପ୍ରତି କରୋନା ସଂକ୍ରମଣ ଯୋଗୁଁ ପ୍ରତ୍ୟେକ ବର୍ଗର ଲୋକ ପ୍ରଭାବିତ ହୋଇଛନ୍ତି । ଅନେକ ଲୋକ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି । ଏଭଳି ସମୟରେ ଲୋକଙ୍କୁ ତାଙ୍କ ଘର ଦ୍ୱାରରୁ ଉଚ୍ଛେଦ କରି ପ୍ରଶାସନ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହାତକୁ ନେବା ପାଇଁ ଯୋଜନା କରୁଛି ବୋଲି ୱାର୍ଡ ନମ୍ବର ୭ ଓ ୮ର ଜନସାଧାରଣ ଅଭିଯୋଗ କରିଛନ୍ତି । ଏଭଳି ସମୟରେ ରାସ୍ତା ପ୍ରଶସ୍ତିକରଣ କାମକୁ ସ୍ଥଗିତ ରଖିବା ପାଇଁ ୱାର୍ଡବାସୀ ଦାବୀ କରିଛନ୍ତି । ଏ ନେଇ ୱାର୍ଡବାସୀଙ୍କ ତରଫରୁ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସେମାନଙ୍କ ପକ୍ଷରୁ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବୀପତ୍ରରେ ଦର୍ଶାଯାଇଛି ଯେ, ସହରର ଗାନ୍ଧୀନଗର ମୈତ୍ରୀମହଲ ଛକଠାରୁ ଗାନ୍ଧୀନଗରପଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି ଓ ସ୍ଥାନୀୟ ଅଂଚଳରେ ଟିକମାର୍କ କରାଯାଇଛି । ଏହି ରାସ୍ତା ସହରର ଏକ ସର୍ବ ପୁରାତନ ରାସ୍ତା ହୋଇଥିବା ବେଳେ ପ୍ରତ୍ୟହ ବହୁ ସଂଖ୍ୟକ ଲୋକ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି ଓ ସେମାନଙ୍କ କୌଣସି ଅସୁବିଧା ମଧ୍ୟ ହୋଇନଥାଏ । ତେବେ ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ଏହି ରାସ୍ତାରେ ପ୍ରଶାସ୍ତିକରଣ କାମ କଲେ ଲୋକେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ସାମୟିକ ଭାବେ ଏହି କାମକୁ ସ୍ଥଗିତ ରଖାଯାଉ । ଏହା ସହିତ ରାସ୍ତକୁ ୨୫ ଫୁଟ ପ୍ରଶସ୍ତ କରାଯିବାର ଯୋଜନା କରାଯାଉ । ଆମେ ସ୍ୱତଃ ପ୍ରବୃତ୍ତ ଭାବେ ରାସ୍ତା ପାଇଁ ଆବଶ୍ୟକ ହେଉଥିବା ଜମି ଯୋଗାଇ ଦେବୁ ବୋଲି ୱାର୍ଡ ବାସିନ୍ଦାମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## ଜୁଲାଇ ୨୦ରୁ ସିବିଡିଟି ପକ୍ଷରୁ ସ୍ୱେଚ୍ଛାକୃତ..... (ପ୍ରଥମ ପୃଷ୍ଠାରୁ)

ମିଳିପାରିବ । ନିଜର ଉତ୍ତର ରଖିବା ପାଇଁ ସଂପୃକ୍ତ ବ୍ୟକ୍ତିବିଶେଷ ନିମନ୍ତେ ଅନ୍ଲାଇନ ସୁବିଧା ପ୍ରଦାନ କରାଯାଇଛି । ସେମାନେ ଏହି ତଥ୍ୟ ଉପରେ ହଁ କି ନା କହି ବଭାଗକୁ ସୂଚନା ଦେଇପାରିବେ । ପୋର୍ଟାଲରେ ଯେଉଁସବୁ ସୁବିଧା ବା ଅପ୍ସନ ରହିଛି ସେଗୁଡ଼ିକ ହେଲା - ୧. ସୂଚନା ଠିକ୍, ୨. ସୂଚନା ଆଂଶିକ ଠିକ୍, ୩. ଅନ୍ୟ ବ୍ୟକ୍ତି / ବର୍ଷ ପାଇଁ ସୂଚନା, ୪. ପ୍ରଦତ୍ତ ସୂଚନା ନକଲି / ଅନ୍ୟ ସୂଚନାରେ ପ୍ରଦର୍ଶିତ ହୋଇଛି, ୫. ସୂଚନାକୁ ଅସ୍ୱୀକାର କରାଯାଉଛି । ଏସବୁ କାର୍ଯ୍ୟ ପାଇଁ ଆୟକର ଅଫିସ୍କୁ ଯିବାକୁ ପଡ଼ିବ ନାହିଁ ଏବଂ ଅନ୍ଲାଇନ୍ରେ ଏହିସବୁ କରାଯାଇପାରିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯-୨୦ ବର୍ଷ (୨୦୧୮-୧୯ ଆର୍ଥିକ ବର୍ଷ ପାଇଁ) ନିମନ୍ତେ ଆୟକର ରିଟର୍ଣ୍ଣ ଦାଖଲ ଓ ସଂଶୋଧନ କରିବାର ଶେଷ ତାରିଖ ୨୦୨୦ ଜୁଲାଇ ୩୧ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନ ଆୟକର ବିଭାଗ ପକ୍ଷରୁ ଯେଉଁ ଇ-କ୍ୟାମ୍ପେନ ଆରମ୍ଭ ହୋଇଛି ନିଜର ସୁବିଧା ପାଇଁ ଆୟକରଦାତାମାନେ ତାହାର ସୁଯୋଗ ନେବାକୁ ଆୟକର ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ନ୍ୟାୟ ପାଇ ନାହାନ୍ତି ସ୍ନେହଲତା : ୩୦ ସାଂସଦଙ୍କୁ ସିବିଆଇ ତଦନ୍ତର ସୁପାରିଶ ପାଇଁ ପତ୍ର



ବଲାଙ୍ଗିର, (ନିପ୍ର) : ଦୀର୍ଘ ପାଂଚ ବର୍ଷ ପରେ ମଧ୍ୟ ସ୍ନେହଲତା ନ୍ୟାୟ ପାଇ ନାହାନ୍ତି । ଆଜି ବି ଏହି ଲୋମ ହର୍ଷଣକାରୀ ଘଟଣାର ଦୋଷୀ ଖୋଲାଖୋଲି ବୁଲୁଛନ୍ତି ବୋଲି କହିବା ସହ ପଶ୍ଚିମ ଓଡିଶା ସାବିତ୍ରୀ ବାଇ ଫୁଲେ ମହିଳା ସଂଗଠନ ତରଫରୁ ସ୍ଥାନୀୟ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ଓଡିଶାର ସମସ୍ତ ସାଂସଦକୁ ସ୍ନେହଲତା ଦୁଷ୍କର୍ମ ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିବାକୁ ଅନୁରୋଧ କରାଯାଇଛି ।

ପ୍ରକାଶ ଯୋଗ୍ୟ ଯେ, ୨୦୧୫ ମଇ ୨୨ ତାରିଖ ଦିନ ଦଳିତ ନାବାଳିକା ସ୍ନେହଲତା ଛତ୍ରିଆକୁ ଗଣଧର୍ଷଣ ପରେ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଏପରିକି ସ୍ନେହଲତା ଜଣେ ମେଧାବୀ ଛାତ୍ରୀ ଥିବା ସଙ୍ଗେ ସଙ୍ଗେ ମେଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ରେ ଉତ୍ତିର୍ଣ୍ଣ ହୋଇଥଲେ । କିନ୍ତୁ ଏହି ଘଟଣାର ନିଆଁ ଜଳିବା ପୂର୍ବରୁ ଲୋକଙ୍କ ସ୍ୱରକୁ ଚପେଇ ଦେବା ପାଇଁ ସରକାର କ୍ରାଇମବ୍ରାଂଚ ତଦନ୍ତ ଘୋଷଣା କଲେ । କ୍ରାଇମବ୍ରାଂଚ ତଦନ୍ତ କେବଳ ଘୋଷଣାରେ ହିଁ ସୀମିତ ରହିଗଲା । ଘଟଣାକୁ ୫ବର୍ଷ ପୂରି ଯାଇଥିଲେ ମଧ ସ୍ନେହଲତାକୁ ନ୍ୟାୟ ମିଳିପାରି ନାହିଁ । କ୍ରାଇମବ୍ରାଂଚର କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି । ଆଜି ପର୍ଯ୍ୟନ୍ତ ଚାର୍ଜସିଟ ମଧ ଦାଖଲ କରାଯାଇ ନାହିଁ । ଏହା ଦିଲ୍ଲୀ ନିର୍ଭୟା ଘଟଣା ପରି ଏକ ଭୟଙ୍କର ଘଟଣା କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ ସ୍ନେହଲତାକୁ ନ୍ୟାୟ ଦେଇ ପାରିଲେ ନାହିଁ । ଏଣୁ ଜଣେ ଦଳିତ ନାବାଳିକା ଗଣଦୁର୍ଷମ ଘଟଣାର ପର୍ଦ୍ଦାଫାସ ପାଇଁ ପଶ୍ଚିମ ଓଡିଶା ସାବିତ୍ରୀ ବାଇ ଫୁଲେ ସଂଗଠନ ସଂଗ୍ରାମ ଜାରି ରଖିଛି । ସ୍ନେହଲତାକୁ ନ୍ୟାୟ ପ୍ରଦାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦାବୀ ଉପସ୍ଥାପନ କରୁଅଛି । ଘଟଣାର ସିବିଆଇ ତଦନ୍ତ ହେଲେ ହିଁ ସ୍ନେହଲତାକୁ ନ୍ୟାୟ ମିଳିପାରିବ । ଏଣୁ ସ୍ନେହଲତା ଘଟଣାର ସିବିଆଇ ତଦନ୍ତ କରିବାକୁ ସୁପାରିଶ କରିବା ପାଇଁ ସମସ୍ତ ସାଂସଦଙ୍କୁ ଅନୁରୋଧ କରାଯାଇଛି ବୋଲି ଅନୁଷ୍ଠନ ତରଫରୁ କୁହାଯାଇଛି । ବାବା ସାହେବ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥଳରୁ ଏହି ପ୍ରକ୍ରିୟା ଆରମ୍ଭ କଲେ କାଳେ ଜଣେ ଦଳିତ ନାବାଳିକା ନ୍ୟାୟ ପାଇପାରିବ ବୋଲି ଅନୁଷ୍ଠାନର ସଭାପତି ଚମ୍ପା ନାଗ, ଉପ-ସଭାପତି ସୁଭଦ୍ରା ସୁନା, ସାଧାରଣ ସଂପାଦକ ଅରୁଣା ନାଗ କହିଥିଲେ ।

# ନାଳ ନର୍ଦ୍ଦମା ସଫେଇ ଦାବିରେ ଭିଆଇପିର ଧାରଣା



ବଲାଙ୍ଗିର, (ନିପ୍ର) : ବର୍ଷା ଦିନ ଆସି ଯାଇଥିଲେ ମଧ ସହରରେ ଥିବା ବିଭିନ୍ନ ନାଳ, ନର୍ଦ୍ଦମା ସଫା କରାଯାଇ ନାହିଁ । କୁଢକୁଢ ଆବର୍ଜନା ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ସହରକୁ ଯୋଗାଣ ହେଉଥିବା ପାନୀୟ ଜଳ ପାଇପ ମଧ ସ୍ଥାନେ ସ୍ଥନେ ଫାଟି ଯାଇ ପାଣି ଦୂଷିତ ହେଉଛି । ତେଣୁ ଏହାର ପ୍ରତିବାଦରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ସ୍ଥାନୀୟ ପାଟଣା ହୋଟେଲ ଛକ ଠାରେ ଧାରଣା ଦିଆଯିବା ସଙ୍ଗେ ପ୍ରତିବାଦ କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବିଭିନ୍ନ ୱାର୍ଡକୁ ଯାଇ ବଲାଙ୍ଗିର ଜିଲ୍ଲାରେ ପାଣି ଆନ୍ଦୋଳନ ସହ ନାଳ ନର୍ଦ୍ଦମା ସଫେଇ ପାଇଁ ଭିଆପି ତରଫରୁ ସଚେତନ କାର୍ଯ୍ୟ କରାଯାଇ ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ ବୋଲି ଭିଆଇପିର ଅଧକ୍ଷ ଡ. ବିପିନ କୁଶୁଲିଆ କହିଛନ୍ତି । ଧାରଣାରେ ୧୭ ନଂ ୱାର୍ଡ ବିଷ୍ଣୁମୁଣ୍ଡା ଓ ଖଲିଆପାଲିର ମା'ଭଉଣୀମାନେ ତାଙ୍କର ୱାର୍ଡର ପାଣିର ଅସୁବିଧା ଓ ନାଳ-ନର୍ଦ୍ଦମା ସଫେଇ ହୋଇନଥିବା ଅଭିଯୋଗ କରିଛନ୍ତି । ବଲାଙ୍ଗିର ସହରର ନାଳ ନର୍ଦ୍ଦମାରେ ମଇଳା ତଥା ପଲିଥିନ ଭର୍ତି ହୋଇଥିବା ଯୋଗୁଁ ଡ୍ରେନ ପାଣି ବନ୍ଦ ହୋଇଯାଉଛି ଓ ଦୁର୍ଗନ୍ଧ ଆସୁଛି । ପିଇବା ପାଣି ପାଇପ ଫାଟି ଯାଇଥିବାରୁ ଜଳ ଦୂଷିତ ହେବାର ସମ୍ଭାବନା ରହିଛି । ଫଳରେ ବଲାଙ୍ଗିର ସହରରେ ଜଣ୍ଡିସ, ମ୍ୟାଲେରିଆ, ଡାଇରିଆ ତଥା କରୋନା ମହାମାରୀ ଅଧିକ ବିସ୍ତୃତ ହୋଇପାରେ ବୋଲି ଡ. କୁଶୁଲିଆ ଅଭିଯୋଗ କରିଛନ୍ତି ।

## ପଦ୍ମପୁର ଅଂଚଳରେ ବେଆଇନ ରନ୍ଧା ଦେଶୀ ମଦର ବନ୍ୟା

ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ଅଂଚଳରେ ବେଆଇନ ରନ୍ଧା ଦେଶୀ ମଦର ବନ୍ୟା ଛୁଟୁଛି ବୋଲି ଅଭିଯୋଗ ଆସୁଥିବା ବେଳେ ଏଥିପ୍ରତି ବିଭାଗୀୟ ଦୃଷ୍ଟି ନଥିବା କୁହାଯାଇଛି । କରୋନା ସଂକ୍ରମଣ ଦୃଷ୍ଟିରୁ ସାରା ରାଜ୍ୟରେ ଦେଶୀ ମଦ ଭାଟି ସବୁ ବନ୍ଦ ଥିବା ବେଳେ ଏ ଅଂଚଳର ଭାଟିଗୁଡ଼ିକ ମଧ୍ୟ ବଂଦ ରହିଛି । ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ ଦେଶୀ ରନ୍ଧା ମଦର ପ୍ରବଳ ବେପାରରେ ଲାଗି ପଡ଼ିଛନ୍ତି । ଏହାଦ୍ୱାରା ନକଲି ମଦ ପିଇବା ଦ୍ୱାରା ସାଧାରଣ ଲୋକଙ୍କ ଜୀବନ ବିପଦଗ୍ରସ୍ତ ହୋଇପାରେ ବୋଲି ସଂଦେହ କରାଯାଉଛି । ପ୍ରଶାସନ ସଜାଗ ରହିବା ଅତ୍ୟନ୍ତ ଜରୁରୀ ।

# ନୂତନ ଜିଲ୍ଲା ଉପ-ନିବନ୍ଧକଙ୍କ ଯୋଗଦାନ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ ନୂତନ ଜିଲ୍ଲା ଉପ-ନିବନ୍ଧକ ଭାବେ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ପଦ୍ମନାଭ ପୁରୋହିତ ଗତ ୧୫ ତାରିଖ ଦିନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ପୁରୋହିତ ପୂର୍ବରୁ ପାଟଣାଗଡ଼ରେ ସହକାରୀ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ ।

# ଜିଲ୍ଲା ଯୁବ କଂଗ୍ରେସ ସଭାପତି ହେଲେ ପ୍ରେମ ପ୍ରକାଶ ମିଶ୍ର



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରର ଯୁବ ନେତା ତଥା ପୁର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ରଙ୍କୁ ବଲାଙ୍ଗିର ଜିଲ୍ଲାର ନୂତନ ଯୁବ କଂଗ୍ରେସ ସଭାପତି ଭାବରେ ନିଯୁକ୍ତ କରାଯାଇଛି । ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ପ୍ରେମ ପ୍ରକାଶ ମିଶ୍ରଙ୍କ ନୁତନ ନିଯୁକ୍ତି ନେଇ ଆଧିକାରିକ ଭାବେ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀ ମିଶ୍ର ବର୍ତ୍ତମାନ ବଲାଙ୍ଗିର ବିଧାନସଭା କ୍ଷେତ୍ରର ଯୁବ କଂଗ୍ରେସ ସଭାପତି ଥିଲେ । ବର୍ତ୍ତମାନଠାରୁ ସେ ଜିଲ୍ଲାର ନୂତନ ଯୁବ କଂଗ୍ରେସ ସଭାପତି ଭାବେ ଦାଇତ୍ୱ ନେଇଛନ୍ତି । ଏହି ନୂତନ ନିଯୁକ୍ତି ପାଇଁ ଶ୍ରୀ ମିଶ୍ର ବଲାଙ୍ଗିରର ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଦସ୍ୟ ତଥା ଓଡିଶା ରାଜ୍ୟ କଂଗ୍ରେସର ବରିଷ୍ଠ ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା , ଏଆଇସସି ସଂପାଦକ ଡା. ବିଶ୍ୱରଞ୍ଜନ ମାହାନ୍ତି, ଜାତୀୟ ଯୁବ କଂଗ୍ରେସ ସାଧାରଣ ସଂପାଦକ ପ୍ରତିଭା ରାଘୁବଂଶୀ ଏବଂ ସଂପାଦକ ରିଜୁଲ ଅନସାରୀଙ୍କୁ ଧନ୍ୟବାଦ ଦେବା ଶହ କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଏହି ନୁତନ ନିଯୁକ୍ତି ବାଲାଙ୍ଗିର ଜିଲ୍ଲାରେ ଯୁବ କଂଗ୍ରେସକୁ ନିଶ୍ଚିତ ଭାବେ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବ ବୋଲି ସେ କହିଛନ୍ତି ।



ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ ହାତ ଧୁଅନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ... କରୋନା ସଂକ୍ରମଣରୁ ରକ୍ଷା ପାଆନ୍ତୁ ।

# ବନ୍ଧୁକ ଦେଖାଇ ଅପହରଣ କରି ଡକାୟତି କରିଥିବା ଘଟଣାର ୪ ଅଭିଯୁକ୍ତ ଗିରଫ




ବଲାଙ୍ଗିର, (ନିପ୍ର) : ଏଇ କିଛି ଦିନ ତଳେ ଜେଲ୍‌ରୁ ଫେରିଥିବା କଫ୍‌ସିରପ୍ ବେପାରରେ ସଂପୃକ୍ତ ଅଭିଯୁକ୍ତ ପ୍ରଶାନ୍ତ କ୍ଷେତୀଙ୍କୁ ଗତ ୧୬ ତାରିଖ ରାତିରେ ୬ ଜଣ ଦୁର୍ଦ୍ଦାନ୍ତ ଅପହରଣ କରି ମାରପିଟ୍ କରିବା ସହ ତାଠାରୁ ଟଙ୍କା, ସୁନାଚେନ୍, ମୁଦି ଲୁଟ୍ କରିଥିବା ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସଂପୃକ୍ତ ୪ ଜଣ ଅପରାଧୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ । ମାଲପଡ଼ାର ସୌମ୍ୟରଂଜନ ଦାଶ (୨୬), ସଦାଇପାଲିର ସଂଜୀବ ମୁଗ୍ରୀ (୩୮), ହାତୀଶାଳପଡ଼ାର ବିଶାଳ ସୁନା ଓରଫ୍ ବିକି (୨୨) ଏବଂ ଇଚ୍ଛାପଡ଼ାର ଆକାଶ ଷାଣ୍ଢ (୨୫) ପୁଲିସ କବ୍‌ଜାକୁ ଆସିଥିବା ବେଳେ ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ୍, ୨ଟି ଟାଙ୍ଗି, ଅପହରଣରେ ବ୍ୟବହୃତ ବୁଲେଟ୍ (ଓଡ଼ି୦୮ଜି୯୫୧୭), ଗୋଟିଏ ୟାମା ବାଇକ୍ (ଓଆର୍ ୦୩ଆର୍ ୭୮୪୦) ଓ ଗୋଟିଏ ହୋଣ୍ଡା ସାଇନ୍ (ଓଡ଼ି୦୩ଏଚ୍୦୬୪୪) ପୁଲିସ ପକ୍ଷରୁ ଜବତ୍ କରାଯାଇଛି । ଆଉ ଦୁଇ ଜଣ ଅଭିଯୁକ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର୍ ଅଛନ୍ତି । ଏହି ଘଟଣାରେ ସାମିଲ୍ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଟାଉନ୍ ଥାନାରେ ରହିଥିବା କୁହାଯାଇଛି ।

ଆଦର୍ଶ ଥାନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଅଭିଯୁକ୍ତ ସୌମ୍ୟରଂଜନ ଓ ସଂଜୀବ ମାଲପଡ଼ାର ପ୍ରଶାନ୍ତ କ୍ଷେତୀକୁ ଗତ ୧୬ ତାରିଖ ରାତିରେ ୫୦ ହଜାର ଟଙ୍କା ମାଗିଥିଲେ । ପ୍ରଶାନ୍ତ ଟଙ୍କା ଦେବାପାଇଁ ମନା କରିଦେବାରୁ ରେଲ୍‌ୱେ ଷ୍ଟେସନ୍ ନିକଟସ୍ଥ ରିଂରୋଡ୍ ନିକଟରେ ମାଡ଼ ମାରିଥିଲେ । ଅଭିଯୁକ୍ତମାନଙ୍କ ସହ ଗିରଫ୍ ୪ ଜଣଙ୍କ ସହ ଆହୁରି ୨ ଜଣ ସାମିଲ୍ ଥିବା ବେଳେ ପ୍ରଶାନ୍ତକୁ ବନ୍ଧୁକ ଦେଖାଇ ଗାଡ଼ିରେ ନିକଟସ୍ଥ ଜଂଗଲ ଭିତରକୁ ନେଇ ଯାଇଥିଲେ । ବୋଟେଲିଂ ପ୍ଲାଣ୍ଟ ପାଖରେ ଥିବା ଜଂଗଲରେ ପ୍ରଶାନ୍ତକୁ ରାତି ସାରା ନିର୍ଯାତନା ଦେବା ସହ ପ୍ରବଳ ମାଡ଼ ମାରିଥିଲେ । ପ୍ରଶାନ୍ତଠାରୁ ୧୭ ହଜାର ୫୦୦ ଟଙ୍କା ସହ ସେ ପିନ୍ଧିଥିବା ମୁଦି ଓ ସୁନା ଚେନ୍ ଛଡ଼େଇ ନେଇଥିଲେ । ତା'ପରଦିନ ପଥରଚେପାରେ ଆଣି ତାକୁ ଛାଡ଼ି ଦେଇଥିବା ବେଳେ ଏ ସଂକ୍ରାନ୍ତରେ ପ୍ରଶାନ୍ତ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗକୁ ଭିତ୍ତିକରି କେସ୍ ନଂ.୩୦୯/୧୭.୦୭.୨୦୨୦ରେ ମାମଲା ରୁଜୁ କରିବା ସହ ଦଫା ୩୬୫/୩୮୬/୩୯୫ ଆଇପିସି/ ୨୫/ ୨୭ ଆଇନ ଅନୁସାରେ ଘଟଣାରେ ତଦନ୍ତ ଆରମ୍ଭ କରିଛି ଆଦର୍ଶ ଥାନା ।

# ବୈକୁଣ୍ଠ ସୁନା ହତ୍ୟା ଘଟଣାରେ ୩ ଅଭିଯୁକ୍ତ ଗିରଫ୍



ବଲାଙ୍ଗିର, (ନିପ୍ର) : ସଦର ଥାନା ଅଧୀନସ୍ଥ ମାକରଚୁଆଁ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ବୈକୁଣ୍ଠ ସୁନା ହତ୍ୟାକାଣ୍ଡ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରିଫ୍ କରିଛି ପୁଲିସ । ମାକରଚୁଆଁ ଗାଁର ପିକ ଓରଫ୍ ସଂଜୀବ ବାଗ (୩୫), ତରଭା ଥାନା ଅଧୀନସ୍ଥ ସିଣ୍ଢୋଲ ଗାଁର ସନ୍ତୋଷ ଦୀପ(୩୯) ଏବଂ ବୃନ୍ଦା ରଣା (୩୫)କୁ ପୁଲିସ ଗିରଫ୍ କରିବାରେ ସଫଳତା ପାଇଥିବା ବେଳେ ଅଭିଯୁକ୍ତମାନଙ୍କଠାରୁ ଏକ ବାଇକ୍ ସହ ଏକ ରକ୍ତଛିଟା ଲାଗିଥିବା ଟାଙ୍ଗିଆ ଜବତ୍ କରିଛି ସଦର ପୁଲିସ । ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁସାରେ ସଦର ଥାନା ଅଧିକାରୀ ତୋଫାନ ବାଗଙ୍କ ନେତୃତ୍ୱରେ ଏସ୍‌ଆଇ ଗୁଇନ୍ଦି ଖାଖା, ଏଏସ୍‌ଆଇ ରବୀନ୍ଦ୍ର କୁମ୍ଭାର, ସନ୍ତୋଷ ସେନ୍ଦ୍ରିଆ, ମୋହନ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ ଟିମ୍ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ୍ କରିବାରେ ସଫଳତା ପାଇଛନ୍ତି ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com



ସଂପାଦକ : ଆନନ୍ଦ ଚନ୍ଦ୍ର ସାହୁ
Editor : Ananda Chandra Sahu